ସାପ୍ତାହିକ
# ସ୍ୱୀକାର
Postal Regd. No.: SBP/14/2019-2021
The Sweekar स्वीकार
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.25 | Issue - 21 | 20-26 June 2021 | Sambalpur | Page-12 | Invitation Price Rs.10

## କରୋନା କଟକଣାରେ ଶୀତଳଷଷ୍ଠୀ : ବିଧିରକ୍ଷାରେ ସୀମିତ











ସମ୍ବଲପୁର : ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା କରୋନା କଟକଣା ମଧରେ ବିନା ଭକ୍ତରେ ପାଳିତ ହୋଇଯାଇଛି । ତେବେ ସମସ୍ତ ଯାତ୍ରା କମିଟି ପକ୍ଷରୁ ସବୁ ନୀତିକାନ୍ତି ପାଳିତ ହୋଇଥିଲା । ଏହି ଯାତ୍ରା ପାଇଁ ଲୋକଙ୍କ ମଧରେ ଯେଉଁ ଉତ୍ସାହ ପ୍ରକାଶ ପାଇଥାଏ ତାହା କରୋନା କଟକଣା ମଧରେ ଉଭେଇ ଯାଇଥିଲା । ଦେବ ଦମ୍ପତିଙ୍କ ବିବାହ ଓ ଯୁଗଳମୂର୍ତ୍ତି ଦର୍ଶନ ଶୋଭାଯାତ୍ରାରେ ଦୁଇ ଦିନ ଧରି ସହରର ସମସ୍ତ ରାସ୍ତା ଗଳିକନ୍ଦି ଲୋକାରଣ୍ୟରେ ପରିଣତ ହେଉଥିଲା । ଲୌକିକ ବିବାହରେ ଅଂଶଗ୍ରହଣ କରି ନିଜକୁ ଧନ୍ୟ କରିବା ପାଇଁ ଛୁଟୁଥିଲା ରାଜ୍ୟ ଓ ରାଜ୍ୟ ବାହାରୁ କଳାକାରଙ୍କ ସୁଅ । ଘରେ ଘରେ ଲାଗି ରହୁଥିଲା କୁଣିଆଁଙ୍କ ଭିଡ । ଭୋଜି ଭାତର ଆସରରେ ବିତୁଥିଲା ଦିନ । ଦୁଇଦିନ ଧରି ଚାଲିଥିବା ଉତ୍ସବରେ ବେପାର ପାଇଁ ସହରକୁ ଆସୁଥିଲେ ଛୋଟରୁ ବଡ ବ୍ୟବସାୟୀ । ଶଙ୍ଖ, ଘଣ୍ଟ, ଢ଼ୋଲ, ତାସା, ମହୁରୀ ଓ ଡିଜେ ବାଦ୍ୟର ତାଳେ ତାଳେ ଝୁମୁଥିଲେ ଦର୍ଶକ । ଦେବ ଦମ୍ପତିଙ୍କ ଯୁଗଳମୂର୍ତ୍ତି ଦର୍ଶନ ଶୋଭାଯାତ୍ରାରେ ଜମୁଥିଲା ବିଭିନ୍ନ କିସମର ସାଂସ୍କୃତିକ ଓ ଆଧୁନିକ ନୃତ୍ୟର ସମ୍ଭାର । କିନ୍ତୁ କରୋନା ସବୁ ଉଜାଡିଦେଲା । ଏଥର ଆଉ ଦେଖିବାକୁ ମିଳିଲାନି ଜନସମୁଦ୍ର, ଶୁଣିବାକୁ ମିଳିଲାନି ସାଂସ୍କୃତିକ ମୂର୍ଚ୍ଛନା । କରୋନା କଟକଣାରେ ବିବାହ ଉତ୍ସବ କେବଳ ବିଧିରକ୍ଷାରେ ସୀମିତ ହୋଇଥିବା ବେଳେ ସୁବୁଠି କେବଳ ଖାଁ ଖାଁ ଦୃଶ୍ୟ । (ଅବଶିଷ୍ଟାଂଶ ଶେଷ ପୃଷ୍ଠାରେ)

### ଏ ସଂଖ୍ୟାରେ..


ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ପଇଡ଼


ହିତକାରୀ ପରିବା ବିଟ୍


ରୋଗ ପ୍ରତିରୋଧ ଶକ୍ତି ବଢ଼ାଏ ସାରୁ


ଓଜନ କମାଇବ ଅଦା


ସାଗୁଦାନାର ଉପକାରିତା

# ରାଜ୍ୟର ବହୁ ଶିଳ୍ପରେ ତାଲା ଓ ସରକାରୀ ପଦବି ଖାଲି

ଭୁବନେଶ୍ୱର : ଜିଲ୍ଲା ନିଯୋଜନ କାର୍ଯ୍ୟାଳୟରେ ପଞ୍ଜୀକୃତ ବେକାର ସଂଖ୍ୟା ବଢ଼ି ବଢ଼ି ଚାଲିଛି । ସରକାରୀ ପଦବୀରେ ନିଯୁକ୍ତି ଆଖି ଦୃଶିଆ ହେଉନି । ବହୁ ଶିଳ୍ପରେ ତାଲା ପଡିବାରୁ ଅନେକ ଲୋକ କାମଧନ୍ଦା ହରାଇଲେଣି । ମଣିଷ ବଦଳରେ କାମ କରୁଛି ମେସିନ । ସରକାରଙ୍କ ଆତ୍ମନିଯୁକ୍ତି ଯୋଜନା ମଧ ସମୁଦ୍ରକୁ ଶଙ୍ଖେ । ସମଗ୍ର ରାଜ୍ୟରେ ଏବେ ବେକାର ଯୁବକ ଯୁବତୀଙ୍କ ଭାଗ୍ୟ ଅନ୍ଧାରରେ । ସେମାନେ କର୍ମନିଯୁକ୍ତି ପାଇଁ ଶୂନ୍ୟ ଆକାଶକୁ ଚାହିଁଛନ୍ତି । ସରକାର ବେକାରୀ ଦୂରେଇବାକୁ ଯେତିକି ପ୍ରଚାର କରୁଛନ୍ତି, ବାସ୍ତବରେ ସେତିକି ଆନ୍ତରିକତା ପ୍ରକାଶ କରୁ ନାହାନ୍ତି । ସରକାରଙ୍କ ଏଭଳି ଆଭିମୁଖ୍ୟକୁ ନେଇ ବେକାର ପିଲାମାନଙ୍କ ମଧ୍ୟରେ ନାହିଁ ନ ଥିବା ଅସନ୍ତୋଷ । କରୋନା ପୁଣି ବେଡ଼ି ଉପରେ କୋରଡ଼ା ମାଡ଼ ଦେଇଛି । ସରକାର ନିଯୁକ୍ତି ଉପରେ ଅଂକୁଶ ଲଗାଇଛନ୍ତି । ବେସରକାରୀ ସଂସ୍ଥାରେ ଛଟେଇ ଲମ୍ବି ଚାଲିଛି । କେଉଁଠି ଅଧା ଦରମା ତ ଆଉ କେଉଁଠି ୩ ମାସରେ ଥରେ ଦରମା ମିଳୁଛି । ରାଜ୍ୟରେ କ୍ରମାଗତ ଭାବେ ବିଜେଡି ସରକାର ୫ ପାଳି କ୍ଷମତାରେ ରହିଲାଣି । ରାଜ୍ୟ ରାଜକୋଷରେ ମଧ ପାଣ୍ଠିର ଅଭାବ ନାହିଁ । ମାତ୍ର ଶିକ୍ଷିତ ଯୁବକ ଯୁବତୀଙ୍କ ଅଭିଯୋଗ ସରକାର ସେମାନଙ୍କୁ କର୍ମନିଯୁକ୍ତି ଦେବାକୁ ସରକାର ଯଥେଷ୍ଟ ଆନ୍ତରିକତା ଦେଖାଉ ନାହାନ୍ତି । ସରକାରୀ ପରିସଂଖ୍ୟାନ ଅନୁସାରେ, ୫ ଲକ୍ଷ ୮୩ ହଜାର ମଞ୍ଜୁରୀପ୍ରାପ୍ତ ପଦବିରୁ ୧ ଲକ୍ଷ ୩୧ ହଜାର ୫୧୮ ପଦବୀ ଖାଲି ପଡିଛି । ଗୃହ ବିଭାଗରେ ୧୬ ହଜାର ୭୮୧ ପଦବୀ ଖାଲି ପଡିଥିଲା ବେଳେ ସ୍ୱାସ୍ଥ୍ୟ ବିଭାଗରେ ୧୬ ହଜାର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ୩୦,୨୯୯ ପଦବି ଫାଙ୍କା ରହିଛି । ପୂର୍ତ୍ତ ବିଭାଗରେ ୩୪୮୦ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗରେ ୨୮୬୨ ପଦବୀ ଶୂନ୍ୟ ପଡିଛି । ସରକାରୀ କଲେଜ ଓ ବିଶ୍ୱବିଦ୍ୟାଳୟରେ ମଧ ବହୁ ପଦବିରେ ଏଯାଏ ନିଯୁକ୍ତି ହୋଇପାରୁନି । ସରକାର ଯେତିକି ନିଯୁକ୍ତି ଦେଉଛନ୍ତି ତାହା ଯଥେଷ୍ଟ ନୁହେଁ । ବେସରକାରୀସ୍ତରରେ ମଧ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟିରେ ସରକାର ଫେଲ୍ ମାରିଛନ୍ତି ବୋଲି ଯୁବକ ଯୁବତୀଙ୍କ ଅଭିଯୋଗ । ବୈଷୟିକ ଶିକ୍ଷାପ୍ରାପ୍ତ ହଜାର ହଜାର ପିଲା ରାଜ୍ୟରେ ବେକାର ହୋଇ ବସିଛନ୍ତି । ଶିକ୍ଷାନୁଷ୍ଠାନରେ ନିଯୁକ୍ତି ପରିମାଣ ଆଖିଦୃଶିଆ ନୁହେଁ । ଯେତିକି ନିଯୁକ୍ତି ମିଳୁଛି, ସେଥିରେ ଅଣଓଡ଼ିଆଙ୍କ ସଂଖ୍ୟା ଅଧିକ । ସର୍ଭେରିପୋର୍ଟ କହୁଛି, ରାଜ୍ୟର ୮୫ ଲକ୍ଷ ଯୁବକ ଯୁବତୀ ଏବେ ବେକାର ବସିଛନ୍ତି । ଶିକ୍ଷିତ ବେକାରଙ୍କ ଏ ସମସ୍ୟାର ସମାଧାନ ପାଇଁ ସରକାର ରୋଡ଼ମ୍ୟାପ୍ ମଧ ପ୍ରସ୍ତୁତ କରି ନ ଥିବା ଅଭିଯୋଗ ହେଉଛି । ବିଭିନ୍ନ ବିଭାଗର ନିଯୁକ୍ତି ପାଇଁ ବିଜ୍ଞାପନ ବାହାରିବା ପରେ କୋର୍ଟ କଚେରୀକୁ ମାମଲା ଯାଇ ଲଟକି ରହୁଛି । ଦିନ କେବଳ ଗଡୁଛି ।

ଆତ୍ମନିଯୁକ୍ତି ପାଇଁ ମଧ ସରକାରଙ୍କ ସେମିତି କିଛି ଦୀର୍ଘମିଆଦି ଯୋଜନା ନାହିଁ । ଏମଏସଏମଇ, ଷ୍ଟାର୍ଟଅପ ସହ ଏମଏସଏମଇକୁ ସହଯୋଗ କରିବାକୁ ବ୍ୟାଙ୍କଗୁଡିକ କୁଣ୍ଠାବୋଧ କରୁଛନ୍ତି । ପିଏମଇଜିପିରେ ବେକାର ଯୁବକ ଯୁବତୀଙ୍କୁ ଋଣ ଯୋଗାଣ ଟାର୍ଗେଟ ଛୁଉଁନି । ସରକାର ଏହା ସ୍ୱୀକାର କରୁଛନ୍ତି ମାତ୍ର ଆଶୁ ପଦକ୍ଷେପ ନେଉ ନାହାନ୍ତି । ୨୦୧୧ ଜନଗଣନା ଅନୁସାରେ ରାଜ୍ୟରେ ବେକାରୀ ହାର ୫୮.୨% । ଜିଲ୍ଲା ନିଯୋଜନ କାର୍ଯ୍ୟାଳୟରେ ୩୫.୪ ଲକ୍ଷ ଯୁବକଯୁବତୀ ନାମ ପଞ୍ଜୀକରଣ କରିଛନ୍ତି । ହେଲେ ନିଯୁକ୍ତି ପାଇଛନ୍ତି ମାତ୍ର ୪୫ ହଜାର ୭୮୩ ଜଣ । ମାତ୍ର ୧.୩% ଙ୍କୁ ନିଯୁକ୍ତି ମିଳିଛି । ୨୦୧୬-୧୭ରେ ବେକାରୀ ହାର ରହିଛି ୬.୧%, ଯାହାକି ୪୫ ବର୍ଷରେ ସର୍ବାଧିକ । ବିମୁଦ୍ରୀକରଣ ପରେ ବହୁ ପିଲା ଚାକିରୀ ହରାଇଛନ୍ତି । ମାତ୍ର ଏହି ଦିଗକୁ ଗମ୍ଭୀରତାର ସହ ନେଇ ସରକାର ବାଟ ବାହାର କରୁନାହାନ୍ତି ।

ରାଜ୍ୟ ସରକାର 'ମେକ୍ ଇନ୍ ଓଡ଼ିଶା' ଜରିଆରେ ଅଧିକ ନିବେଶ ସହ ନିଯୁକ୍ତିକୁ ଫୋକସ୍ କରୁଛନ୍ତି ବୋଲି କହୁଛନ୍ତି । ମାତ୍ର ଏହା ବାସ୍ତବ କ୍ଷେତ୍ରରେ ପ୍ରତିଫଳନ ହେଉନି । ମେକ୍ ଇନ୍ ଓଡ଼ିଶାର ଦୁଇଟି ସଂସ୍କରଣ ପରେ ଗତ ୨୦ ମାସ ମଧ୍ୟରେ ୧୨୦ ଶିଳ୍ପ ୟୁନିଟ୍ ସଂପ୍ରସାରିତ ଏବଂ ଶିଳାନ୍ୟାସ ହୋଇଛି । ଏ ଶିଳ୍ପଗୁଡିକରେ ୯୨ ହଜାର ୬୮୬ କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଥିବା ବେଳେ ୧ ଲକ୍ଷ ୨୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ବୋଲି ସରକାର ଦାବି କରୁଛନ୍ତି । ମାତ୍ର ବେକାରଙ୍କ ଅଭିଯୋଗ ଏ ନିଯୁକ୍ତିରେ ସିଂହଭାଗ ବାହାର ରାଜ୍ୟ ପିଲାଙ୍କର । ସରକାରୀ ସୂଚନା କହୁଛି, ରାଜ୍ୟରେ ୧୭ ଶିଳ୍ପବନ୍ଦ କାରଣରୁ ଗତ ୮ ବର୍ଷ ମଧ୍ୟରେ ୯୩୯୦ ଲୋକ ଚାକିରୀ ହରାଇଛନ୍ତି । ଲାଞ୍ଜିଗଡ଼ ବେଦାନ୍ତ କାରଖାନା ବନ୍ଦ ହେବାରୁ ୩୩୫୦ ଚାକିରୀ ହରାଇଛନ୍ତି । ୨୦୧୩ ଜୁନରୁ ଏହା ବନ୍ଦ ଅଛି । ସେହିଭଳି ଓଡ଼ିଶା ସ୍ପଞ୍ଜ ଆଇରନ ବନ୍ଦ ହେବାରୁ ୯୬୦ ଜଣ ଚାକିରୀଆ ପ୍ରଭାବିତ ହୋଇଛନ୍ତି । ବହୁ ଛୋଟ କଳକାରଖାନାରେ ତାଲା ପଡିବା କାରଣରୁ ବେକାରଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଛି । ସରକାର ନିଦାବିଷ୍ଟ ହୋଇ ବସିଛନ୍ତି ।

## ସମ୍ବଲପୁରରେ ହେବ ରାଜ୍ୟର ପ୍ରଥମ ୱାଗନ କାରଖାନା

ସମ୍ବଲପୁର: ହୀରାକୁଦ ଠାରେ ପ୍ରତିଷ୍ଠା ହେବ ରାଜ୍ୟର ପ୍ରଥମ ରେଳବାଇ ୱାଗନ ଉତ୍ପାଦନ କାରଖାନା । ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜୀ ଲିମିଟେଡ ପକ୍ଷରୁ ଏହି କାରଖାନା ପ୍ରତିଷ୍ଠା କରାଯିବ । ନିକଟରେ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ଏହି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଓଡିଶାରେ ଭାରତୀୟ ରେଳବାଇ କୋଚ୍ ଫ୍ୟାକ୍ଟ୍ରି ପ୍ରତିଷ୍ଠା ପାଇଁ ୧୦ ବର୍ଷ ହେଲା ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି, କିନ୍ତୁ କାରଖାନା ପ୍ରତିଷ୍ଠା ହୋଇ ପାରିଲା ନାହିଁ, ବରଂ ତାକୁ ଆନ୍ଧ୍ର ପ୍ରଦେଶକୁ ଉଠାଇ ନିଆଯାଇଛି । ଆଉ ଏତେ ବର୍ଷ ପରେ ଏକ ଘରୋଇ ସଂସ୍ଥା ଓଡ଼ିଶାରେ ରେଳ ୱାଗନ କାରଖାନା ପ୍ରତିଷ୍ଠା କରିବାକୁ ଯାଉଛି । ରାଜ୍ୟର ଏହି ପ୍ରଥମ ରେଳବାଇ ୱାଗନ କାରଖାନା ପ୍ରତିଷ୍ଠା ନିମନ୍ତେ ସବୁ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ଶିଳ୍ପ ବିଭାଗ ଉଦ୍ୟମ ଆରମ୍ଭ କରିଛି । କାରଖାନାରେ ବାର୍ଷିକ ୧୫୦୦ ୟୁନିଟ୍ ୱାଗନ ଉତ୍ପାଦନ ହେବ । ୧୧୫ ଜଣ ଲୋକଙ୍କୁ ଏଠାରେ ପ୍ରତ୍ୟକ୍ଷ ନିଯୁକ୍ତି ମିଳିବ । ପର୍ଯ୍ୟାୟକ୍ରମେ ଫ୍ୟାକ୍ଟ୍ରି ସମ୍ପ୍ରସାରଣ ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି । କମ୍ପାନୀ ଏଠାରେ ୩୮୨ କୋଟି ଟଙ୍କା ବିନିଯୋଗ କରି ୱାଗନ ଫ୍ୟାକ୍ଟ୍ରି ସହିତ ୦.୩୯୪ ଏମଟିପିଏ କ୍ଷମତାର ଇଲେକ୍ଟ୍ରିକ୍ ଆର୍କ ଫର୍ଣ୍ଣେସ୍ ୦.୫ ଏମଟିପିଏ କ୍ଷମତାର ରେଳବାଇ ସାଇଡିଂ ପ୍ଲାଣ୍ଟ ନିର୍ମାଣ କରିବ । ଓଡ଼ିଶାରେ ରେଳବାଇ ୱାଗନ୍ ଫ୍ୟାକ୍ଟ୍ରି ପ୍ରକଳ୍ପ କିଛି ନୂଆ କଥା ନୁହେଁ । ୨୦୧୧-୧୨ ରେ ରେଳବାଇ ପକ୍ଷରୁ ଭୁବନେଶ୍ୱର ନିକଟରେ ପିପିପି ମୋଡ଼ରେ ରେଲୱେ ୱାଗନ ଫ୍ୟାକ୍ଟ୍ରି ନିର୍ମାଣ ପାଇଁ ଘୋଷଣା କରାଯାଇ ଥିଲା ଏବଂ ଦୁଇ ବର୍ଷ ପରେ ତାକୁ ଗଞ୍ଜାମର ଶୀତଳାପଲ୍ଲୀକୁ ଘୁଞ୍ଚାଇ ଦିଆଗଲା । ୨୦୧୩ ରେ ପ୍ରକଳ୍ପ ପାଇଁ ଶୀତଳାପଲ୍ଲୀ ଠାରେ କାରଖାନା ପ୍ରତିଷ୍ଠା ପାଇଁ ୧୦୧ ଏକର ଜମି ଚିହ୍ନଟ କରାଯାଇଥିଲା ଏବଂ ୨୦୧୬ ରେ ରେଳବାଇ ଏଥି ନିମନ୍ତେ ଅର୍ଥ ମଞ୍ଜୁର କରିଥିଲା । କିନ୍ତୁ ଏହାର କିଛି ବର୍ଷ ପରେ ପ୍ରକଳ୍ପକୁ ହଠାତ୍ ରେଳବାଇ ପ୍ରତ୍ୟାହାର କରିନେବା ସହ ୨୦୨୪ ପର୍ଯ୍ୟନ୍ତ ୱାଗନର ଆବଶ୍ୟକତା ଦେଖାଦେବ ନାହିଁ ବୋଲି ରେଳ ମନ୍ତ୍ରାଳୟ କାରଣ ଦର୍ଶାଇଥିଲା । ଏହା ଭିତରେ କଳାହାଣ୍ଡି ଠାରେ ପ୍ରସ୍ତାବିତ ଆଉ ଏକ କୋଚ୍ ଫ୍ୟାକ୍ଟ୍ରିକୁ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାକୁ ଉଠାଇ ନିଆଯାଇଥିଲା ଏବଂ ସେଠାରେ ଏବେ ଉତ୍ପାଦନ ଆରମ୍ଭ ହେଲାଣି । ୨୦୧୮ ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ରେଳମନ୍ତ୍ରୀ ପିୟୁଷ ଗୋୟଲଙ୍କୁ ପତ୍ର ଲେଖି ଓଡ଼ିଶାରେ ୱାଗନ ଫ୍ୟାକ୍ଟ୍ରି ନିର୍ମାଣ ପାଇଁ ଦାବି କରିବା ସହିତ ଏଥିପାଇଁ ରାଜ୍ୟ ସରକାର ସବୁ ପ୍ରକାର ସହଯୋଗ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଆଜି ପର୍ଯ୍ୟନ୍ତ ଏ ନେଇ କୌଣସି ଅଗ୍ରଗତି ହୋଇ ନାହିଁ । ଏହା ବ୍ୟତୀତ ସମ୍ବଲପୁର ଜିଲ୍ଲାର ମାନେଶ୍ୱର ଠାରେ ଏକ କୋଚ୍ ମରାମତି କାରଖାନା ପ୍ରତିଷ୍ଠା ପାଇଁ ରେଳବାଇ ମଞ୍ଜୁରୀ ପ୍ରଦାନ କରିଥିଲେ ସୁଦ୍ଧା କାମ ଆରମ୍ଭ ହୋଇପାରି ନାହିଁ ।

## ମୋଦି ବିଶ୍ୱର ସବୁଠୁ ଲୋକପ୍ରିୟ ନେତା

ନୂଆଦିଲ୍ଲୀ: କରୋନା ସଙ୍କଟ କାଳରେ ମଧ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା କମି ନାହିଁ । ଏବେବି ମୋଦି ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା ହୋଇଛନ୍ତି । ଏପରିକି ଲୋକପ୍ରିୟତାରେ ସେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ, ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ ଓ ଜର୍ମାନୀ ଚାନସେଲର ଆଞ୍ଜେଲା ମର୍କେଲଙ୍କୁ ମଧ ପଛରେ ପକାଇ ଦେଇଛନ୍ତି । ଆମେରିକା ଡାଟା ଇଣ୍ଟେଲିଜେନ୍ସ ଫାର୍ମ 'ମର୍ଣ୍ଣି କନସଲ୍ଟ' ପକ୍ଷରୁ କରାଯାଇଥିବା ସର୍ଭେରୁ ଏହା ଜଣାପଡିଛି । ସର୍ଭେ ଅନୁସାରେ ମୋଦିଙ୍କ ଗ୍ଲୋବାଲ ଆପ୍ରୁଭାଲ ରେଟିଂ ୬୬ ପ୍ରତିଶତ ରହିଛି । ତେବେ ପୂର୍ବାପେକ୍ଷା ତାଙ୍କର ଲୋକପ୍ରିୟତା ୨୦% ହ୍ରାସ ପାଇଛି । ୨୦୧୯ ଅଗଷ୍ଟରେ ଜମ୍ମୁକାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ସମୟରେ ମୋଦିଙ୍କର ଲୋକପ୍ରିୟତା ୮୨% ଥିଲା । କିନ୍ତୁ ଏହା ହ୍ରାସ ପାଇ ୬୬% ରେ ପହଞ୍ଚିଛି । ଭାରତ ସମେତ ଆମେରିକା, ବ୍ରିଟେନ, ରୁଷ, ଅଷ୍ଟ୍ରେଲିଆ, କାନାଡା, ବ୍ରାଜିଲ, ଫ୍ରାନ୍ସ, ଜର୍ମାନୀ ଭଳି ୧୩ଟି ଶକ୍ତିଶାଳୀ ଦେଶର ନେତାମାନଙ୍କର ଲୋକପ୍ରିୟତାକୁ ମଧ ସଂସ୍ଥା ପକ୍ଷରୁ ସର୍ଭେ କରାଯାଇଥିଲା । ମାତ୍ର ୩ ଟି ଦେଶର ନେତାଙ୍କ ଗ୍ଲୋବାଲ ଆପ୍ରୁଭାଲ ରେଟିଂ ୬୦% ଉପରେ ଅଛି ।

## ସମ୍ବଲପୁର ଏମ୍ପିଙ୍କ କୋଭିଡ୍ ପ୍ରଯତ୍ନ କେନ୍ଦ୍ର ପରିଦର୍ଶନ

ଦେବଗଡ଼ : ସ୍ଥାନୀୟ ସରକାରୀ ପଲିଟେକନିକସ୍ଥିତ କୋଭିଡ -୧୯ ପ୍ରଯତ୍ନ କେନ୍ଦ୍ରକୁ ଅକ୍ସିଜେନ ଯୋଗାଣ ପାଇଁ ପିଏମ କେୟାର ଫଣ୍ଡରୁ ନିର୍ମାଣାଧିନ ୧୦୦ ଏଲପିଏମ କ୍ଷମତା ସମ୍ପନ୍ନ ପିଏସଏ ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ଆଗାମୀ ଜୁନ ଶେଷ ସୁଦ୍ଧା ଶେଷ ହେବ ବୋଲି ସମ୍ବଲପୁର ଲୋକସଭା ସଦସ୍ୟ ନିତେଶ ଗଙ୍ଗଦେବ ଓ ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ଏନଏଚଆଇର ଅଧିକାରୀ ଦୀପକ ଶର୍ମା କହିଛନ୍ତି । ଏମପି ଗଙ୍ଗଦେବଙ୍କ ନିର୍ମାଣାଧିନ ପିଏସଏ ପ୍ଲାଣ୍ଟ ପରିଦର୍ଶନ ଅବସରରେ ଗଙ୍ଗଦେବ ଏବଂ ଏନଏଚଆଇ ଅଧିକାରୀ ଶର୍ମା ଏହି ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ୨୦୦ ଶଯ୍ୟାକୁ ଅକ୍ସିଜେନ ଯୋଗାଇ ଦେବା ନିମନ୍ତେ ପିଏମ କେୟାର ଫଣ୍ଡରୁ ଗତ ମେ ମାସ ୨୮ ରୁ ଏହି ପିଏସଏ ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଦେବଗଡ଼ ଜିଲ୍ଲା ପ୍ରଶାସନ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ପିଡବ୍ଲୁଡି, ବିଦ୍ୟୁତ୍ ବିଭାଗ ଓ ଡିଆରଡିଓର ମିଳିତ ସହଯୋଗରେ ଯୁଦ୍ଧକାଳୀନ ଭିତିରେ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ସେଡ୍ ନିର୍ମାଣ କାର୍ଯ୍ୟଠାରୁ ଆରମ୍ଭ କରି ବିଦ୍ୟୁତ୍ ସଂଯୋଗ, ଡାକ୍ତରଖାନାରୁ ଅକ୍ସିଜେନ ପାଇପଲାଇନ ସଂଯୋଗ ପର୍ଯ୍ୟନ୍ତ ସମସ୍ତ କାମ ଆଗାମୀ ଜୁନ ୩୦ ତାରିଖ ସୁଦ୍ଧା ଶେଷ ହେବ ବୋଲି ସେମାନେ କହିଛନ୍ତି । ସମ୍ବଲପୁର ଲୋକସଭା ସଦସ୍ୟ ଗଙ୍ଗଦେବଙ୍କ କୋଭିଡ ପ୍ରଯତ୍ନ କେନ୍ଦ୍ର ପରିଦର୍ଶନ ସମୟରେ ଏମପିଙ୍କ ସମ୍ବଲପୁର ଜିଲ୍ଲା ନୋମିନି ତଥା ଦେବଗଡ଼ର ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ରଞ୍ଜିତ ପଟେଲ ଓ ଦେବଗଡ଼ ଜିଲ୍ଲା ନୋମିନି ଯୋଗେଶ ଚନ୍ଦ୍ର ପ୍ରଧାନ ଓ ନିର୍ମାଣ କାର୍ଯ୍ୟରେ ନିୟୋଜିତ ବିଭିନ୍ନ ବିଭାଗର ଅଧିକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଜିଏମ୍ୟୁ ଓ କିସ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ସମ୍ବଲପୁର: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ କିସ୍ ବିଦ୍ୟାଳୟ ମଧ୍ୟରେ ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ମିଳିତ ସହଯୋଗ ନେଇ ଏକ ବୁଝାମଣାପତ୍ରର ସ୍ୱାକ୍ଷରିତ ହୋଇ ଯାଇଛି । ଏହି ଅବସରରେ ଜିଏମୟୁରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଦୀପକ କୁମାର ବେହେରା ଓ ଜିଏମୟୁ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଏନ୍.ନାଗାରାଜୁ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ଏହି ବୁଝାମଣାପତ୍ର ଅନୁଯାୟୀ ବିଭିନ୍ନ ପ୍ରକାର ଶୈକ୍ଷିକ କାର୍ଯ୍ୟକ୍ରମ, ଗବେଷଣା, ପ୍ରକଳ୍ପ, ତାଲିମ ଛାତ୍ର ଶିକ୍ଷକ ବିନିମୟ ଇର୍ଣ୍ଟର୍ନସିପ ଆଦି କ୍ଷେତ୍ରରେ ଉଭୟ ବିଶ୍ୱବିଦ୍ୟାଳୟ ମିଳିତ ଭାବେ କାର୍ଯ୍ୟ କରିବେ । ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଏମ ବିଶ୍ୱବିଦ୍ୟାଳୟ କୁଳସଚିବ ଗିରିଶ ଚନ୍ଦ୍ର ସିଂ, ଉପକୁଳସଚିବ ଡକ୍ଟର ଉମାଚରଣ ପତି ଉପସ୍ଥିତ ଥିଲେ । କିସ୍ ବିଶ୍ୱବିଦ୍ୟାଳୟରେ ଉପକୂଳପତି ପ୍ରଫେସର ପୀତବାସ ସାହୁ ଓ କୁଳସଚିବ ଡକ୍ଟର ପ୍ରଶାନ୍ତ କୁମାର ରାଉତରାୟଙ୍କ ସମେତ ଉଭୟ ବିଶ୍ୱବିଦ୍ୟାଳୟର ବହୁ ପଦାଧିକାରୀ ଉପସ୍ଥିତ ଥିଲେ । ଶେଷରେ ଜିଏମୟୁ ନୃତତ୍ତ୍ୱ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ନିବେଦିତା ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାଗବତ

## ଅକ୍ରୁରଙ୍କ ଆଗମନ

ନନ୍ଦ ଅକ୍ରୁରଙ୍କୁ ସ୍ୱାଗତ କଲେ । ଭୋଜନ ଆଦି ସରିବା ପରେ ନନ୍ଦ ଅକ୍ରୁରଙ୍କୁ ଆଗମନର ଅଭିପ୍ରାୟ ପଚାରିଲେ ।

ଅକ୍ରୁର କହିଲେ, 'ହେ ନନ୍ଦ ! ମୁଁ ଆପଣମାନଙ୍କ ରାଜା କଂସ ତରଫରୁ ନିମନ୍ତ୍ରଣ ଦେବାକୁ ଆସିଛି । ମଥୁରାରେ ଧନୁ ଯଜ୍ଞର ଆୟୋଜନ ହୋଇଛି । ଆପଣମାନଙ୍କ ଦର୍ଶନ ନିମନ୍ତେ ଡକରା ଦେବାକୁ ଆସିଛି । ଆପଣ ଯେଉଁ ଗାଡିରେ ଇଚ୍ଛା ଯାଇପାରନ୍ତି, କିନ୍ତୁ ଶ୍ରୀକୃଷ୍ଣ ବଳରାମଙ୍କ ପାଇଁ ସୁବର୍ଣ୍ଣମୟ ରଥ ପଠା ହୋଇଛି ।

ନନ୍ଦ ଥିଲେ ଅତି ସରଳ । ନିମନ୍ତ୍ରଣ ପାଇବା କ୍ଷଣି ସେ ଖୁବ୍ ପ୍ରସନ୍ନ ହୋଇଗଲେ । ମୁଁ କଂସକୁ କର ଦେଉଛି ବୋଲି ମୋ ପୁଅଙ୍କ ପାଇଁ ସୁବର୍ଣ୍ଣର ରଥ ରାଜା ପଠାଇଛି । ମୋ ପୁଅଙ୍କୁ କଂସ ସତରେ କେତେ ଭଲ ନ ପାଉଛି ।

ନନ୍ଦ ମନରେ ବିଶ୍ୱାସ ସୃଷ୍ଟିକରିବା ପାଇଁ କଂସ ସୁବର୍ଣ୍ଣ ରଥ ପଠେଇଛି ବୋଲି କ'ଣ ନନ୍ଦ ବୁଝିପାରିଲେ କି ? ନନ୍ଦ ଆନନ୍ଦ ଗଦଗଦ ହୋଇ କହିଲେ, ମୋ ପୁଅଙ୍କୁ ମଥୁରା ଥରେ ଦେଖାଇ ଆଣିବାକୁ ମୁଁ ବି ଅନେକଥର ଭାବିଛି ।

ଗାଁର ଅନ୍ୟ ବାଳକମାନେ ଏ କଥା ଜାଣିବାକ୍ଷଣି ସେମାନେ ମଧ ମଥୁରା ଯିବାକୁ ଆଗଭର ହେଲେ । ଆମେମାନେ ନ ଗଲେ କହ୍ନେଇ କଥା ବୁଝିବ କିଏ ଯେ । ଜଗତର କଥା ବୁଜିବା ବାଲାର କଥା ଆଜି ଗୋପାଳ ବାଳକମାନେ ବୁଝିଛନ୍ତି ବୋଲି ଦୃଢ଼ତାର ସହିତ ପ୍ରକାଶ କଲେ । ନନ୍ଦ ମଧ ସମସ୍ତ ବାଳକ ଯିବା ପାଇଁ ଅନୁମତି ଦେଲେ ।

ଯଶୋଦାଙ୍କ କାନକୁ କିନ୍ତୁ ଏ ସବୁ କଥା ପହଞ୍ଚିବା କ୍ଷଣି ତାଙ୍କ ମନ ଉଦାସ ହୋଇଗଲା । ସେ କହିଲେ ଅକ୍ରୁର ଅକ୍ରୁର ନୁହେଁ, କ୍ରୁର, ଅତିକ୍ରୁର । ମୋ ପୁଅକୁ କଦାପି ତା ସହିତ ଯିବାକୁ ଦିଅ ନାହିଁ । ସେ ଚାଲିଗଲେ ଗୋକୁଳ ଲକ୍ଷ୍ମୀଛଡ଼ା ହୋଇଯିବ । ସେ ନ ରହିଲେ ଧେନୁମାନେ ଆହାର ଛାଡିଦେବେ, ସେମାନେ ଚରିବାକୁ ବି ଯିବେ ନାହିଁ । ଯଦି ନିହାତି ନେବାକୁ ଇଚ୍ଛା ତେବେ ବଳରାମକୁ ନେଇଯାଅ, କିନ୍ତୁ କୃଷ୍ଣଙ୍କୁ ମୁଁ କଦାପି ଛାଡିବି ନାହିଁ । ଶୁଣିଛି, ମଥୁରାରେ ନାରୀମାନେ ଯାଦୁ ବିଦ୍ୟା ଜାଣନ୍ତି । ସେମାନେ ଯଦି କିଛି କରିଦିଅନ୍ତି ତେବେ ମୋ ପୁଅ ଆଉ ଫେରି ଆସିବ ନାହିଁ ।

ଯଶୋଦା ନନ୍ଦଙ୍କ ପାଖରେ ବିନତି କରି କହିଲେ, ଯଦି ଯିବା କଥା ତେବେ ତୁମେ ପଛେ ଯାଅ, ମୋ ପୁଅଙ୍କୁ ନିଅନାହିଁ । ସେଠାରେ ତା କଥା କିଏ ବୁଝିବ ଯେ ! ସେ ବଡ଼ ଲାଜକୁଳା । ଭୋକ ଲାଗୁଥିଲେ ସୁଦ୍ଧା ସେ କିଛି କହିବ ନାହିଁ । ମୋ ପୁଅକୁ ମୁଁ କଦାପି ପାଖଛଡ଼ା କରିପାରିବି ନାହିଁ । ଦି' ତିନିଦିନ ତଳେ ମୁଁ ଖରାପ ସ୍ୱପ୍ନ ଦେଖିଥିଲି । ମୋ ପୁଅ ମୋତେ ଛାଡି ସବୁଦିନ ପାଇଁ ମଥୁରାକୁ ଚାଲିଯାଇଛି । ଅକ୍ରୁର ମୋତେ କାଳ ଭଳି ଜଣାପଡୁଛି । ମୁଁ କଦାପି ମୋ ପୁଅକୁ ପାଖଛଡ଼ା କରିବି ନାହିଁ ।

ନନ୍ଦ ଯଶୋଦାଙ୍କୁ ବୁଝାଇବାକୁ ଯାଇ କହିଲେ-

'କହ୍ନେଇକୁ ଏଗାର ବର୍ଷ ହେଲାଣି । ତୁ ତାକୁ ତୋ ପାଖରେ ଆଉ କେତେ ଦିନ ରଖି ପାଇବୁ ? ସେ ଘରର ଚାରିକାନ୍ଥ ଭିତରେ କ'ଣ ସବୁ ଦିନ ରହିଥିବ ? ବାହାର ଜଗତ ଦେଖିବ ନା ନାହିଁ ଆମ କହ୍ନେଇ ? ମୁଁ ତାକୁ ଗୋକୁଳର ରାଜା ହେବା ପାଇଁ ଯଥାଯୋଗ୍ୟ ଶିକ୍ଷା ଦେବାକୁ ଚାହୁଁଛି । ଆମେ ଦି' ଚାରିଦିନ ମଥୁରା ବୁଲି ଗାଁକୁ ଫେରି ଆସିବୁ । ତୁ ଆଦୌ ବ୍ୟସ୍ତ ହୁଅନାହିଁ ।

ତେବେ ବି ଯଶୋଦାଙ୍କ ସରଳ ମାତୃହୃଦୟ ବୁଝିଲା ନାହିଁ ଆହେ ! ମୁଁ କହ୍ନେଇକୁ କିମିତି ମୋ ଆଖି ଆଗରୁ ଦୁରେଇ ଦେବି । କହ୍ନେଇ ପାଇଁ ତ ଅତି ବୃଦ୍ଧାବସ୍ଥାରେ ବି ମୁଁ ବଞ୍ଚିଛି । କହ୍ନେଇ ଇ ତ ମୋ ଜୀବନର ଆଧାର ।

ରାତି ହେଲା । ସମସ୍ତେ ଶୋଇଲେ । ହେଲେ ଯଶୋଦା ମାତାଙ୍କ ଆଖିରେ ଆଜି ନିଦ ନାହିଁ । ଆସନ୍ତା କାଲି କ'ଣ ହେବ ସେଇ କଥା ଚିନ୍ତା ତାଙ୍କ ମୁଣ୍ଡକୁ ଉତ୍ତେଜିତ କରିବାରେ ଲାଗିଥାଏ । କହ୍ନେଇ ଯଦି ଯାଏ ତେବେ ସେ ଏକାକୀ କିପରି ବଞ୍ଚିବେ ? ସେ ଶୋଇ ପାରିଲେ ନାହିଁ । ବାହାର ଅଗଣାକୁ ପଳାଇ ଆସି ସକେଇ ସକେଇ କାନ୍ଦିବାରେ ଲାଗିଲେ ।

କହ୍ନେଇ ହଠାତ୍ ଉଠିପଡ଼ି ଦେଖିବା ବେଳକୁ ମା' ଶେଯରେ ନ ଥିଲେ । ଏଣେ ତେଣେ ତାଙ୍କୁ ଖୋଜିବାରେ କହ୍ନେଇଙ୍କ ଚପଳ ଆଖି ଚଞ୍ଚଳ ହୋଇଉଠିଲା । ମା' ବାହାର ପଟ ଅଗଣାରେ କାନ୍ଦୁଥିବା ସେ ଦେଖିବାକୁ ପାଇଲେ । ମା' ବସି ଚୁପ୍ ଚୁପ୍ କାନ୍ଦୁଥିଲେ । ସେ ଧୀରେ ଧୀରେ ମା'ଙ୍କ ପାଖରେ ବସିଗଲେ, ତାଙ୍କ ଗଳାରେ ହାତ ଛନ୍ଦି ଆଖିରୁ ଲୁହ ପୋଛୁ ପୋଛୁ କାନ୍ଦିବାର କାରଣ ପଚାରିଲେ । ମା ! ତୁମେ କାନ୍ଦୁଛୁ କାହିଁକି, କହ । କହ ତୁମେ କାଇଁ କାନ୍ଦୁଛ । ତୁମେ କାନ୍ଦିଲେ ମୋତେ ଭାରି ଖରାପ ଲାଗୁଛି ପରା ।

କହ୍ନେଇଙ୍କ କେଇ ପଦ କଥାରେ ମାତା ସାମାନ୍ୟ ଆଶ୍ୱାସନା ଲାଭ କଲେ । ସେ କହିଲେ, ନାଇଁରେ ସେମିତି କିଛି କଥା ନାହିଁ । ତୁ କାଲି ଯିବାକୁ ବାହାରି ଥିବାରୁ ମୋତେ କାନ୍ଦ ମାଡୁଛି । ତୋତେ ଆଶ୍ରାକରି ମୁଁ ବଞ୍ଚିଛି ତ !

କହ୍ନେଇ ମା'ଙ୍କୁ ଆଶ୍ୱସନା ଦେଇ କହିଲେ, ମା' ତୁମେ ଏତେ ଚିନ୍ତା କାହିଁକି କରୁଛ ? ମୁଁ ନିଶ୍ଚେ ଫେରି ଆସିବି ।

କହ୍ନେଇ କିନ୍ତୁ କେବେ ଫେରି ଆସିବେ ସେ କଥା କହି ନ ଥିଲେ । ମା' ମଧ ଏ କଥା ପଚାରି ନ ଥିଲେ । ପୁଅ ଫେରି ଆସିବ ବୋଲି କହୁଥିବା ଶୁଣି ସେ ପ୍ରସନ୍ନ ହୋଇଗଲେ । କାରଣ ସେ ଜାଣନ୍ତି ତାଙ୍କ ପୁଅର ପ୍ରତ୍ୟେକ କଥା ସତ୍ୟ ହୋଇଥାଏ । ସେ କହିଛି ଅର୍ଥ



ନିଶ୍ଚୟ ଫେରି ଆସିବ । ସେ ଏତେ ପ୍ରସନ୍ନ ହୋଇଯାଇ ଥିଲେ ଯେ ପୁଅକୁ କେବେ ଫେରିବ ବୋଲି ପଚାରି ପାରି ନ ଥିଲେ ।

ଯଶୋଦା ଏଥର ପୁଅକୁ କହିଲେ, ହଉ । ରାତି ବେଶୀ ହେଲାଣି । ଚାଲ ଶୋଇବା । ଦୁହେଁ ଗୋଟିଏ ଖଟରେ ଶୋଇଗଲେ । ଆଜି ଶ୍ରୀକୃଷ୍ଣ ଯଶୋଦାଙ୍କ ହୃଦୟ ମଧରେ ପ୍ରବେଶ କଲେ । ସେ ଆଉ ବାହାରେ ନୁହେଁ, ଭିତରେ ଦେଖା ଯିବାରେ ଲାଗିଲେ ।

ଏଣେ ବସୁଦେବ ଦେବକୀ ଗତ ଏଗାର ବର୍ଷ ଧରି କାରାଗୃହରେ ତପସ୍ୟା କରିବାରେ ଲାଗିଥାଆନ୍ତି । କୃଷ୍ଣ ଯଦି ସେଠାକୁ ନ ଯାଆନ୍ତି ତେବେ ସେ ଦୁହିଁଙ୍କ ପ୍ରାଣ ଛାଡିଯିବ ।

ସକାଳ ହେବାକ୍ଷଣି ଗୋକୁଳର ସମସ୍ତେ ଚଞ୍ଚଳ ହୋଇ ଉଠିଲେ । ମାତା ଯଶୋଦା କହ୍ନେଇଙ୍କୁ ସ୍ନାନ କରାଇ ସୁନ୍ଦର ରୂପେ ସଜାଇ ଦେଲେ । ତା ପରେ କୃଷ୍ଣଙ୍କୁ ଅପଲକ ନୟନରେ କିଛି ସମୟ ନିରୀକ୍ଷଣ କରିବାରେ ଲାଗିଲେ । ଭାବିଲେ କହ୍ନେଇ କହିଛି, ସେ ନିଶ୍ଚୟ ଫେରି ଆସିବ ।

ଯଶୋଦାଙ୍କ ମନ ଆଜି ଅସ୍ଥିର ଅଧୀର ହୋଇ ଉଠିଛି । ସେ ନିଜ ହାତରେ ରୋଷେଇ କରି କହ୍ନେଇଙ୍କୁ ପାଖରେ ବସି ଖୁଆଇଲେ ।

ଅକ୍ରୁର ରଥ ସଜାଡି ଦାଣ୍ଡରେ ପ୍ରସ୍ତୁତ ହୋଇଗଲେ । କହ୍ନେଇଙ୍କର ଯିବାବେଳେ ଉପସ୍ଥିତ ହେଲା । ଇତ୍ୟବସରରେ କହ୍ନେଇ ମଥୁରା ଯାଉଥିବା ଖବର ଗୋପୀମାନଙ୍କ କାନରେ ପଡିଗଲା । ସେମାନେ ସହସା ଯଶୋମତୀଙ୍କ ଘରକୁ ଦୌଡିବାରେ ଲାଗିଲେ । ରାଧା ମଧ ଦୌଡି ଆସିଲେ । କହ୍ନେଇଙ୍କର ଯେ ସେମାନଙ୍କ ଠାରୁ ବିୟୋଗ କେବେ ଦିନେ ହେବ, ଏ କଥା ଗୋପୀମାନେ କଳନା କରି ନ ଥିଲେ । ଏବେ କହ୍ନେଇଙ୍କର ବିୟୋଗ ହେବାକୁ ଯାଉଛି । ଗୋପୀମାନେ ମୂର୍ଚ୍ଛାପ୍ରାୟ ହୋଇଗଲେ । ଅଚେତ ଅବସ୍ଥାରେ ରାଧା କହୁଥିବା ଶୁଣାଗଲା- ହେ ପ୍ରାଣନାଥ ! ହେ କୃଷ୍ଣ, ମୋତେ ତ୍ୟାଗ କର ନାହିଁ । ଆମକୁ ଛାଡି ଯାଅ ନାହିଁ ।

ଗୋପୀମାନେ ଅକ୍ରୁରଙ୍କୁ ଘେରିଗଲେ । ଆଉ କହିଲେ, ଆମେ କହ୍ନେଇଙ୍କୁ ତୁମେ କାହିଁକି ନେଇଯାଉଛ ? ଶ୍ୟାମ ସୁନ୍ଦରଙ୍କ ଦର୍ଶନ ନ ପାଇ ଆମେ ବଞ୍ଚିବୁଟି ? ହେ କହ୍ନେଇ ! ତୁମେ ଯାଅନାହିଁ । ତୁମେ ତ ଅତି କ୍ରୁର । ଆମକୁ କନ୍ଦାଇବାକୁ ତୁମେ ଆସିଛ । ଆମେ ତୁମ ଘରର ସବୁ କାମ କରିବାକୁ ପ୍ରସ୍ତୁତ ଅଛୁ । ହେଲେ ତୁମେ କହ୍ନେଇଙ୍କୁ ଛାଡିଦିଅ । କହ୍ନେଇ ବିନା ଆମେ ମରିଯିବୁ । କୃଷ୍ଣ ବିରହ ଠାରୁ ଅଧିକ ଦୁଃଖ ଆମପାଇଁ ଆଉ କିଛି ଏ ସଂସାରରେ ନାହିଁ ।

ହେ ଅକ୍ରୁର । କହ୍ନେଇ ବିନା ଗୋକୁଳ ଶ୍ମଶାନପ୍ରାୟ ହୋଇଯିବ । ଯଦି ଚାହ ତୁମେ ବଳରାମଙ୍କୁ ନେଇଯାଅ, ହେଲେ କୃଷ୍ଣଙ୍କୁ ଛାଡିଦିଅ । ମଥୁରାର ସହରୀ, ପାଠଶାଠ ପଢ଼ିଥିବା ଝିଅମାନେ କୃଷ୍ଣଙ୍କର ଏପରି ସେବା କରିବେ ଯେ ଆମ କଥା ତାଙ୍କର ଆଉ ମନେ ପଡିବ ନାହିଁ । ସେମାନେ ଚତୁରା, ଆଉ ଆମେ ମୂର୍ଖ ଓ ସରଳା । ସେମାନେ ନାନା ବଙ୍କାସିଧା କଥା କହି କୃଷ୍ଣଙ୍କୁ ନିଶ୍ଚୟ ରଖିଦେବେ । ଆମ ଭାଗ୍ୟ ବଡ଼ ମନ୍ଦ ।

ଗୋପୀମାନେ ବିଳାପ କରି କହୁଥାନ୍ତି- ହେ ବିଧାତା ! ତୁ ବି କେଡେ ନିର୍ଦ୍ଦୟ । ଜୀବକୁ ସ୍ନେହ କରିବା ଶିଖାଉ, ଆଉ ସହସା ବିରହାଗ୍ନିରେ ଜାଳି ପୋଡ଼ି ଦେଉ । କହ୍ନେଇ ବିନା ଆମେ ବଞ୍ଚି ପାରିବୁ ନାହିଁ ।

ଅକ୍ରୁର ଗୋପୀମାନଙ୍କର କଥା କିଛି ବୁଝିପାରୁ ନ ଥିଲେ । ସେ ଗୋପୀଙ୍କୁ କ'ଣ କହି ବୁଝାଇବେ ତାହା ମଧ ସ୍ଥିର କରିପାରୁ ନଥାନ୍ତି ।

କୃଷ୍ଣ ମୂର୍ଚ୍ଛା ହୋଇଯାଇଥିବା ରାଧାଙ୍କୁ ଦେଖି ତାଙ୍କ ପାଖକୁ ଯାଇ ରାଧାଙ୍କ କାନରେ କହିଲେ, ପୃଥିବୀରେ ଅସୁରଙ୍କ ସଂଖ୍ୟା ବହୁତ ବଢ଼ିଯାଇଛି । ସେହି ପାପୀ ରାକ୍ଷସଙ୍କୁ ମାରି ପୃଥିବୀର ଭାର ଉଶ୍ୱାସ କରିବାକୁ ହେବ । ଆଜି ପର୍ଯ୍ୟନ୍ତ ତୋ ସହିତ ନାଚି କୁଦି କଟାଇ ଦେଲି । ଏବେ ଜଗତକୁ ନଚାଇବାକୁ ଚାଲିଲି । ମୁଁ କେବଳ ତୁମମାନଙ୍କ ସହିତ ନାଚି ପାରେ, ଅନ୍ୟ କାହା ସହିତ ନୁହେଁ ।

ସଖୀମାନେ ! ମୁଁ ଯାଉଛି । ହେଲେ ମୁଁ ଫେରିବା ପର୍ଯ୍ୟନ୍ତ ତୁମେମାନେ ପ୍ରାଣରକ୍ଷା ଯେପରି କରିଥାଅ ।

ରାଧେ ! ଆଜି ପର୍ଯ୍ୟନ୍ତ ମୁଁ ତୁମ ପାଖରେ ଥିଲି । ଏବେ କିଛି ଦୂରକୁ ଯାଉଛି, ହେଲେ ଆମେ ପରା ଅଭିନ୍ନ । କେବଳ ଲୀଳା ପାଇଁ ଆମେ ପୃଥକ୍ ପୃଥକ୍ ଶରୀର ଯାହା ଧାରଣ କରିଛେ । ମୋର ଏଇ ବଂଶୀକୁ ଦେଖ । ଯାକୁ ମୁଁ ମୋ ପ୍ରାଣଠାରୁ ଅଧିକ ଭଲପାଏ । ତୁମେ ଏ ବଂଶୀ ବଜାଇବାକ୍ଷଣି ମୁଁ ତୁମ ପାଖକୁ ଦୌଡି ଆସିବି ।

ଗୋପୀମାନେ କହିଲେ, କହ୍ନେଇ ! ବିରହାଗ୍ନିରେ ଆମକୁ ଜଳାଅ ନାହିଁ । ଆମକୁ ଭୁଲିଯିବନି ।

ବାହାର ପାଣିରେ ନୁହେଁ, ଆଖିରୁ ବୋହୁଥିବା ପାଣିରେ ମନକୁ ଧୁଆ ଯାଏ । ମନର ମଳିନତା ସଫା କରିବା ପାଇଁ ଆଖିରୁ ବୋହିପଡୁଥିବା ଜଳ ହିଁ ଆବଶ୍ୟକ ହୋଇଯାଏ ।

ଗୋପୀମାନେ କାନ୍ଦୁଥାନ୍ତି । କୃଷ୍ଣ ସେମାନଙ୍କୁ ପ୍ରବୋଧନା, ଆଶ୍ୱାସନା ଦେଉଥାନ୍ତି । କହୁଥାନ୍ତି- 'ମୋର ମଙ୍ଗଳମୟ ଯାତ୍ରା ସମୟରେ ତୁମେମାନେ କାନ୍ଦିଲେ ଅଶୁଭ ହେବ । ଯାତ୍ରା ସମୟରେ କ୍ରନ୍ଦନ ଏକ ଘୋର ଅପଶକୁନ । ମୁଁ ଆଜି ଶୁଭ ଯାତ୍ରାରେ ଯାଉଛି । ମୁଁ ନିଶ୍ଚୟ ତୁମମାନଙ୍କ ପାଖକୁ ଫେରିବି ।

ଗୋପୀମାନେ ଏଥର କ୍ରନ୍ଦନ ବନ୍ଦ କରିବାକୁ ଚେଷ୍ଟା କଲେ । ଇତ୍ୟବସରରେ କୃଷ୍ଣ ଓ ବଳରାମ ରଥାରୂଢ଼ ହେଲେ । ରଥ ଚାଲିବାକୁ ଆରମ୍ଭ କଲା । ଗୋପୀମାନେ ମଧ ରଥ ପଛେ ପଛେ ଚାଲିବାରେ ଲାଗିଲେ । କହ୍ନେଇ ବୁଝାଇବା ପରେ ଯେଉଁ ବିଳାପ ବନ୍ଦ ହୋଇଯାଇଥିଲା, ଆଖିରୁ ଲୁହ ଝରିବା ବନ୍ଦ ହୋଇଥିଲା, ତାହା କୌଣସି ପ୍ରକାର ବନ୍ଧ ନ ମାନି ପ୍ରବଳ ପ୍ରବାହିତ ହେବାରେ ଲାଗିଲା । କହ୍ନେଇ ସତେ କ'ଣ କେବେ ଫେରିବ ? କହ୍ନେଇର ଦର୍ଶନ ଆମେ କ'ଣ ପୁଣି କେବେ ପାଇବା ? କୋହ ଅସମ୍ଭାଳ ହୋଇ ଉଠିଲା । ସେମାନେ ସମସ୍ତେ ଉଚ୍ଚ ସ୍ୱରରେ ବିଳାପ କରିବାରେ ଲାଗିଲେ ।

କହିଲେ ଦେଖି, ସେ ଗୋପୀମାନେ ବି କିମିତି ? କୃଷ୍ଣ ବିଷକ୍ତମାନସାଃ । ସେମାନଙ୍କର ମନଥିଲା କେବଳ ଶ୍ରୀକୃଷ୍ଣଙ୍କ ଠାରେ ।

ହେ ଗୋବିନ୍ଦ । ହେ ମାଧବ । ହେ ଗୋକୁଳସୁନ୍ଦର । ହେ ଗୋକୁଳନାଥ । ହେ ନାଥ ଏଇ ଗୋକୁଳକୁ ଅନାଥ କରନାହିଁ । ଆମକୁ ଭୁଲି ଯିବନିଟି ।

ଗୋପୀଙ୍କ ଭିତରୁ ଜଣେ ଉଚ୍ଚ ସ୍ୱରରେ କହୁଥିଲା, ହେ ନାଥ । ତୁମର ଦର୍ଶନ ବିନା ମୁଁ ଜଳ ମଧ ସ୍ପର୍ଶ କରୁ ନ ଥିଲି । ପ୍ରଭୁ । ମୋ ପାଖକୁ କ୍ଷଣକ ପାଇଁ ହେଲେ ଆସିବ ।

ଗାଁ ସାରା କାନ୍ଦୁଥିଲେ । ଅକ୍ରୁର ବି ଦ୍ରବିତ ହୋଇଗଲେ । ଗ୍ରାମଲୋକଙ୍କ କୃଷ୍ଣପ୍ରେମ ଆଉ କୃଷ୍ଣବିରହ ଜନିତ ଦୁଃଖ ଦେଖି ଅକ୍ରୁରଙ୍କ ଆଖିରୁ ମଧ ଲୋତକ ନିଗିଡି ପଡିଲା । କୃଷ୍ଣଙ୍କୁ ଦୃଷ୍ଟି ପଥରେ ରଖି ଗାଈମାନେ ବି କାନ୍ଦୁଥିଲେ । ଗୋପୀଙ୍କ ଭିତରୁ କିଏ କିଏ ପାଗଳିନୀଙ୍କ ପରି ରଥ ପଛରେ ଦୌଡୁଥିଲା ତ ଆଉ କିଏ ଦୌଡି ଦୌଡି ଅଚେତ ହୋଇ ଭୂଇଁରେ ଲୋଟିପଡୁଥିଲା ।

ଶ୍ରୀକୃଷ୍ଣ ଅକ୍ରୁରଙ୍କୁ କହିଲେ ଦେଖନ୍ତୁ । ପ୍ରେମ ବିହ୍ୱଳିତ ଏଇ ଗାଁଲୋକମାନେ ମୋତେ ଆଗକୁ ଯିବାକୁ ଦେବେ ନାହିଁ । ଆପଣ ଶୀଘ୍ର ଶୀଘ୍ର ରଥ ଚଲାନ୍ତୁ ।

# ଅହଂର ବିସର୍ଜନ ଓ ସମର୍ପଣ

ଅଧ୍ୟାତ୍ମ କ୍ଷେତ୍ରରେ ସମର୍ପଣର ବିଶେଷ ଗୁରୁତ୍ୱ ରହିଛି, କିନ୍ତୁ ସାଧାରଣ ମନଃସ୍ଥିତିରେ ଏହା ଘଟିତ ହୋଇପାରେ ନାହିଁ । ସାଧାରଣ ମନ ଅହଂର ଘନୀଭୂତ ରୂପ ହୋଇଥାଏ । ନିଜର ଦେହବଳ, ବୁଦ୍ଧିବଳ, ଧନବଳ, ଜନବଳ, ତପ ଓ ବିଦ୍ୟା ବଳର ମଦରେ ଚୁର୍ ବ୍ୟକ୍ତି ସମର୍ପଣ କରିପାରେ ନାହିଁ । ସେ ଭାବେ ଯଦି ମୁଁ ସ୍ୱୟଂ ସମର୍ଥ ତେବେ କାହା ଆଗରେ କାହିଁକି ନଇଁବି, ହାତ ପତେଇବି । ଈଶ୍ୱରଙ୍କ ସତ୍ତା ବି ତାକୁ ଗୌଣ ପ୍ରତୀତ ହୋଇଥାଏ, କିନ୍ତୁ ଯଦି କୌଣସି କାରଣବଶତଃ ଏହି ବଳର କ୍ଷୟ ହୋଇଥାଏ ବା ବ୍ୟକ୍ତିର ସକଳ ପୁରୁଷାର୍ଥ ବିକଟ ଆହ୍ୱାନଗୁଡିକ ସମକ୍ଷରେ କ୍ଷୁଦ୍ର ଜଣା ପଡେ ତଥା ତାକୁ ନିଜର ଦେହଗତ ଓ ଲୌକିକ ସୀମାଗୁଡିକର କଟୁ ଅନୁଭବ ହୋଇଥାଏ ତ ବ୍ୟକ୍ତିର ଗର୍ବ ଭାଙ୍ଗିଥାଏ ତଥା ସମର୍ପଣର ସ୍ଥିତି ଉତ୍ପନ୍ନ ହୋଇଥାଏ ।

ଯେବେ ସବୁ କିଛି ଅନୁକୂଳ ହୋଇଥାଏ ତ ଭଗବାନଙ୍କୁ ହୃଦୟରୁ କିଏ ସ୍ମରଣ କରିଥାଏ ? ଯେତେବେଳେ ଭୀଷଣ ଦୁଃଖ, କଷ୍ଟ ଓ ବିପଦର ସମୟ ଆସେ ଏବଂ ବ୍ୟକ୍ତିକୁ ନିଜ ମାନବୀୟ ସୀମାଗୁଡିକର ଗଭୀର ଅନୁଭବ ହୋଇଥାଏ ସେତେବେଳେ ସେ ସେହି ସର୍ବସମର୍ଥ, ସର୍ବବ୍ୟାପୀ, ଅନ୍ତର୍ଯ୍ୟାମୀ ସତ୍ତାଙ୍କ ପ୍ରତି ଉନ୍ମୁଖ ହୋଇଥାଏ ଏବଂ ତାଙ୍କୁ ସହାୟତା ପାଇଁ ଡାକିଥାଏ । ଏପରି ହେଲେ ବ୍ୟକ୍ତିର ଶ୍ରଦ୍ଧାଭାବ ଜାଗ୍ରତ ହୋଇଥାଏ ଓ ନିଜ ଦୁଃଖ କଷ୍ଟର ଆତ୍ୟନ୍ତିକ ସମାଧାନ ସକାଶେ ସେ ପ୍ରଭୁଙ୍କ ଶରଣକୁ ଯାଇଥାଏ ।

ଏପରି ସ୍ଥିତିରେ ଜୀବନରେ ଆସୁଥିବା ଦୁଃଖ କଷ୍ଟ, ରୋଗ, ଶୋକ ପୀଡା ପତନ ଆଦି ସବୁ ପ୍ରକାରରେ ଛଦ୍ମ ରୂପେ ଈଶ୍ୱରଙ୍କ ବରଦାନ ସ୍ୱରୂପ ହୋଇଥାଏ, ଯେଉଁଗୁଡିକୁ ଆମେ ବିକଳ ଅବସ୍ଥା କାରଣରୁ ତତ୍କାଳିକ ରୂପେ ବୁଝିପାରି ନ ଥାଉ । ଏହି ବିଷମ ସମୟ ଆସ୍ଥାବାନ ହୃଦୟକୁ ଶ୍ରଦ୍ଧା, ଭକ୍ତି ଓ ପ୍ରଭୁ ସ୍ମରଣର ଉପହାର ଦେଇ ଯାଏ ତଥା ଜୀବନର ଆହ୍ୱାନଗୁଡିକର ସାଧନା କରିବାର ବିଶ୍ୱାସ, ସାମର୍ଥ୍ୟ ଓ ବଳ ପ୍ରଦାନ କରିଥାଏ ।

ମହାଭାରତର ରଣକ୍ଷେତ୍ରରେ ବିଷାଦଗ୍ରସ୍ତ ଅର୍ଜୁନ ଓ ଭଗବାନ ଶ୍ରୀକୃଷ୍ଣ ସଂବାଦର ପ୍ରକରଣ ଯାହା ଭଗବଦଗୀତା ନାମରେ ପ୍ରସିଦ୍ଧ ଉପରୋକ୍ତ ସତ୍ୟକୁ ଉତ୍ତମ ରୂପେ ବ୍ୟକ୍ତ କରିଥାଏ ଏବଂ ନିଜର ପରିଣତିରେ ମାନବ ମାତ୍ରକୁ ଏକ ଅମର ସନ୍ଦେଶ ଦେଇଥାଏ ।

ଅର୍ଜୁନ ନିଜ ଯୁଗର ଶ୍ରେଷ୍ଠତମ ଧନୁର୍ଦ୍ଧର ଓ ମହାନ୍ ଯୋଦ୍ଧା ଥିଲେ । ଦ୍ୱାରକାଧୀଶ ଶ୍ରୀକୃଷ୍ଣଙ୍କ ସହିତ ତାଙ୍କର ପରିଚୟ ସେ ପର୍ଯ୍ୟନ୍ତ ଜଣେ ମିତ୍ର, ସାରଥି ଓ ପାରିବାରିକ ସମ୍ପର୍କ ରୂପେ ଥିଲା, କିନ୍ତୁ ମହାଭାରତର ରଣକ୍ଷେତ୍ରରେ ଯେତେବେଳେ ତାଙ୍କ ରଥ ଦୁଇ ସେନାର ମଝିରେ ଠିଆ ହେଲା ତ ଯୁଦ୍ଧରେ ନିଜର ରକ୍ତ ସମ୍ପର୍କୀୟ, ବନ୍ଧୁବାନ୍ଧବଙ୍କୁ ଦେଖି ଅର୍ଜୁନ ଘାବରେଇ ଗଲେ, ଯିଏ ଯୁଦ୍ଧ ସକାଶେ ସାମନାରେ ଠିଆ ହୋଇଥିଲେ । ଅର୍ଜୁନଙ୍କ ବୁଦ୍ଧି ପ୍ରତିବାଦ କଲା, କର୍ତ୍ତବ୍ୟଚେତନା କିଂକର୍ତ୍ତବ୍ୟବିମୁଢ଼ ହୋଇଗଲା ତଥା ତାଙ୍କର ମୂର୍ଚ୍ଛନା ସ୍ଥିତି ଆସିଗଲା । ଅର୍ଜୁନ ଗଭୀର ବିଷାଦ ଅବସ୍ଥାକୁ ଆସିଗଲେ ଓ ସେତେବେଳେ ସେ ଏକ ଶରଣାଗତ ଶିଷ୍ୟ ଭାବରେ ଭଗବାନ ଶ୍ରୀକୃଷ୍ଣଙ୍କୁ ମାର୍ଗଦର୍ଶନ ପାଇଁ ଡାକିଲେ ।

ଏଭଳି ବିଷମ ପରିସ୍ଥିତିରେ ଜଣେ କୁଶଳ ସାରଥି ରୂପେ ଭଗବାନ ଶ୍ରୀକୃଷ୍ଣ ବିଷାଦଗ୍ରସ୍ତ ଅର୍ଜୁନଙ୍କ ଜୀବନରେ ବାଗଡୋର ସମ୍ଭାଳିଲେ ଓ ତାଙ୍କର ମାର୍ଗଦର୍ଶନ କଲେ । ସେ ଅର୍ଜୁନଙ୍କ ମନର ସନ୍ଦେହ ଦୂର କଲେ । ଶେଷରେ ଶରଣାଗତର ଭାବ ଅବସ୍ଥାରେ ଅର୍ଜୁନଙ୍କ ଚିତ୍ତ ଉପରେ ଛାଇ ରହିଥିବା ବିଷାଦର ସଘନ କୁହୁଡି ଅପସରି ଗଲା, ହଜି ଯାଇଥିବା ସ୍ମୃତି ଫେରି ଆସିଲା, ତାଙ୍କୁ ନିଜ କର୍ତ୍ତବ୍ୟର ବୋଧ ହେଲା ଓ ସେ ଧର୍ମଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଗଲେ ।

ଠିକ୍ ଏହିପରି ଜୀବନର ରଣକ୍ଷେତ୍ରରେ ଯେ ପର୍ଯ୍ୟନ୍ତ ବ୍ୟକ୍ତିର ତର୍କବୁଦ୍ଧି ଓ ଅହଂ ସକ୍ରିୟ ରହିଥାଏ, ସେ ପର୍ଯ୍ୟନ୍ତ ଗୁରୁ ତାକୁ ଏକ ସାଧାରଣ ଦେହଧାରୀ ବ୍ୟକ୍ତି ରୂପେ ଦେଖାଯାନ୍ତି । ଏଣୁ ଈଶ୍ୱରଙ୍କ ଦିବ୍ୟ ମାର୍ଗଦର୍ଶନ ତାକୁ ଉପଲବ୍ଧ ହୋଇପାରେ ନାହିଁ । ଯେତେବେଳେ ଦୁଃଖ, କଷ୍ଟ ଓ ବିଷାଦର ଚରମରେ ବ୍ୟକ୍ତିର ମାନବୀୟ ପ୍ରୟାସ ଏବଂ ଅହଂ କ୍ଷୁଦ୍ର ହୋଇଯାଏ, ସେତେବେଳେ ଯାଇ ସମର୍ପଣର ସ୍ଥିତି ଉତ୍ପନ୍ନ ହୋଇଥାଏ । ହୃଦୟ କେନ୍ଦ୍ରରୁ ଆକୁଳ ଡାକ ଉଠେ ଓ ସମର୍ଥ ଗୁରୁଙ୍କ ମାର୍ଗଦର୍ଶନ ମିଳିଥାଏ । ତାଙ୍କର ସୂକ୍ଷ୍ମ ସଂରକ୍ଷଣ ଅନୁଭବ ହୋଇଥାଏ । ହଁ ! ଏଥିପାଇଁ ସଚ୍ଚା ହୃଦୟରେ ତାଙ୍କର ଆବାହନ କରିବାକୁ ପଡିଥାଏ, ଅହଂର ବିସର୍ଜନ କରିବାକୁ ପଡିଥାଏ । ନିଜ ଅନ୍ତଶ୍ଚେତନାକୁ ଗ୍ରହଣଶୀଳ କରି ତାଙ୍କର ଦିବ୍ୟ ସନ୍ଦେଶ ଓ ନିର୍ଦ୍ଦେଶ ଗୁଡିକର ଅନୁସରଣ କରିବାକୁ ପଡିଥାଏ । କର୍ତ୍ତବ୍ୟର କଷଟିରେ ନିଜର ଶିଷ୍ୟତ୍ୱକୁ ଶୁଦ୍ଧ ପ୍ରମାଣିତ କରିବାକୁ ପଡିଥାଏ । ଏପରି ସ୍ଥିତିରେ ହିଁ ପ୍ରତ୍ୟେକ ଶିଷ୍ୟ ଓ ଭକ୍ତର ଜୀବନରେ ସମର୍ଥ ଗୁରୁସତ୍ତାଙ୍କ ଈଶ୍ୱରୀୟ ସଂରକ୍ଷଣ ଏବଂ ଦୈବୀ ପ୍ରବାହ ସକ୍ରିୟ ହୋଇପାରେ । ସେତେବେଳେ ଭଗବାନ ଶ୍ରୀକୃଷ୍ଣଙ୍କ ସେହି ଦୈବୀ ଆଶ୍ୱାସନ ମୂର୍ତ୍ତ ରୂପ ନେଇଥାଏ, ଯେଉଁଠି ସେ ଅର୍ଜୁନଙ୍କୁ କହିଛନ୍ତି ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ଅର୍ଥାତ୍ ସମସ୍ତ କର୍ତ୍ତବ୍ୟ ପରିତ୍ୟାଗ କରି ତୁ ମୋର ଶରଣକୁ ଆସିଯାଅ । ମୁଁ ତତେ ସମସ୍ତ ଦୁଃଖ ଓ ଶୋକରୁ ମୁକ୍ତ କରିଦେବି ।

ସେ କହିଛନ୍ତି ଶରଣାଗତର ଯୋଗ କ୍ଷେମ ମୁଁ ସ୍ୱୟଂ ବହନ କରେ ଓ ପାପୀରୁ ପାପୀ ଶରଣାଗତ ମଧ ଶୀଘ୍ର ସାଧୁ ଅର୍ଥାତ୍ ଶ୍ରେଷ୍ଠ ମନୁଷ୍ୟ ହୋଇଯାଏ । ଶରଣାଗତ ଆର୍ତ୍ତ ହେଉ ବା ଅର୍ଥାର୍ଥୀ ହେଉ କିମ୍ବା ଜିଜ୍ଞାସୁ ଅଥବା ଜ୍ଞାନୀ ହେଉ, ସମସ୍ତଙ୍କୁ ମୋର ସମର୍ଥ ନାବରେ ମୁଁ ପାର କରାଇ ନେଇଯାଏ । ଏପରି ସମର୍ପଣ ହିଁ ସାଧକକୁ ଭଗବତ୍ ଚେତନା ସହିତ ଏକାକାର କରାଇ ପାରେ ।

## ଆଜିର ଚିନ୍ତନ

ପ୍ରାଚୀନ କାଳର କଥା । ଏକ ନଗରୀରେ ଜୀବନ୍ତୀ ନାମକ ଏକ ବେଶ୍ୟା ରହୁଥିଲା । ଲୋକ ପରଲୋକ ଭୟ ରହିତ ହୋଇ ବେଶ୍ୟା ବ୍ୟଭିଚାର ବୃତ୍ତି ଦ୍ୱାରା ଉଦର ପୋଷଣ କରୁଥିଲା । ଦିନେ ସେ ବେଶ୍ୟା ଜଣେ ପକ୍ଷୀ ବିକାଳି ଠାରୁ ସୁନ୍ଦର ଶୁକ ଶାବକଟିଏ କିଣିଲା । ବେଶ୍ୟାର ସନ୍ତାନ ନ ଥିଲା । ଶୁଆଟିକୁ ଯତ୍ନରେ ପାଳିଲା ପୁତ୍ରବତ୍ । ପ୍ରାତଃ କାଳରୁ ଉଠି ତାକୁ ରାମ ନାମ ପଢ଼ାଉ ଥିଲା । ଶୁଆ ଅଭ୍ୟାସ କରୁ କରୁ ସୁନ୍ଦର ଭାବେ ରାମ ନାମ ରଟିଲା । ସମୟ ପାଇଲେ ଜୀବନ୍ତୀ ତା ପାଖରେ ବସି ଶୁଆ ସହିତ ସ୍ୱର ମିଳାଇ ରାମ ରାମ ଉଚ୍ଚାରଣ କରୁଥିଲା । ଦିନେ ଉଭୟଙ୍କର ମୃତ୍ୟୁ ଏକା ସମୟରେ ହୋଇଗଲା । ମରଣକାଳରେ ଉଭୟେ ରାମ ରାମ ଉଚ୍ଚାରଣ କରୁଥିଲେ । ଉଭୟଙ୍କୁ ନେବା ପାଇଁ ଚଣ୍ଡଆଦି ଯମରାଜଙ୍କ ଦୂତମାନେ ସେମାନଙ୍କ ପାଖକୁ ଆସିଲେ । ସହସା ସେଠାରେ ବିଷ୍ଣୁଦୂତ ମଧ ଉପସ୍ଥିତ ହୋଇଗଲେ । ସେମାନେ ଯମଦୂତମାନଙ୍କୁ କହିଲେ, ତୁମ୍ଭେମାନେ ରାମ ନାମ ଗାଉଥିବା ଏ ଶୁଆ ଓ ଗଣିକାକୁ ପାଶବନ୍ଧ କରି ନେଇ ପାରିବ ନାହିଁ । ଦୁଷ୍ଟମାନଙ୍କ ଚରିତ୍ର କେବେ ଉତ୍ତମ ହୁଏ ନାହିଁ । ସେମାନେ ସାଧୁମାନଙ୍କ ପ୍ରତି ଦ୍ୱେଷଭାବ ରଖନ୍ତି । ପାପୀମାନେ ସମସ୍ତଙ୍କୁ ନିଜ ପରି ପାପୀ ଭାବନ୍ତି । ପୁଣ୍ୟାତ୍ମା ପୁରୁଷ ସମସ୍ତ ଜଗତକୁ ନିଷ୍ପାପ ଦେଖନ୍ତି । ଧାର୍ମିକ ପୁରୁଷ ପୁଣ୍ୟାତ୍ମାମାନଙ୍କ ପୁଣ୍ୟ ଚରିତ ଶୁଣି ପ୍ରସନ୍ନ ହୁଅନ୍ତି । ପାପୀମାନେ ପାପ କଥାରେ ପ୍ରସନ୍ନ ହୁଅନ୍ତି । ଏସବୁ ଭଗବାନଙ୍କର ମାୟା । ପାପରୁ ମହାନ୍ ପୀଡ଼ା ହୁଏ । ଏହା ଜାଣି ମଧ ପାପୀ ପାପ କର୍ମରୁ ବିରତ ହୁଅନ୍ତି ନାହିଁ । ଯମଦୂତ ଶୁଣିଲେ ନାହିଁ । ଯମଦୂତ ବିଷ୍ଣୁଦୂତ ମଧରେ ଯୁଦ୍ଧ ହେଲା । ଯମଦୂତମାନେ ସେମାନଙ୍କର ସେନାପତି ଚଣ୍ଡ ମୂର୍ଚ୍ଛିତ ହେବାର ଦେଖି ତାଙ୍କୁ ଉଠାଇ ଯମ ପୁରୀ ନେଇଗଲେ । ବିଷ୍ଣୁଦୂତମାନେ ଜୟଧ୍ୱନି କରି ଜୀବନ୍ତୀ ଏବଂ ଶୁଆକୁ ବିମାନରେ ବସାଇ ବିଷ୍ଣୁଲୋକ ନେଇଗଲେ । ରକ୍ତାକ୍ତ-କଳେବର ଯମଦୂତମାନେ ଯମ ରାଜାଙ୍କୁ କହିଲେ- ସୂର୍ଯ୍ୟପୁତ୍ର ମହାବାହୋ ! ଆମ୍ଭମାନଙ୍କୁ ବିଷ୍ଣୁଦୂତମାନେ ବହୁ ଯାତନା ଦେଇଛନ୍ତି । ସମସ୍ତ କଥା ବର୍ଣ୍ଣନା କଲେ । ଯମଦୂତମାନଙ୍କୁ ଯମରାଜ ସାନ୍ତ୍ୱନା ଦେଇ କହିଲେ ଦୂତଗଣ ! ମୃତ୍ୟୁ ସମୟରେ ସେ ଦୁଇ ଜଣ ଯଦି ରାମନାମ ଉଚ୍ଚାରଣ କରିଥିବେ ତେବେ ସେମାନେ ଦଣ୍ଡନୀୟ ହେବେ ନାହିଁ । 'ଦୂତା ଯଦି ସମରନ୍ତୌ ତୌ ରାମ ନାମାକ୍ଷର ଦ୍ୱୟମ୍ । ତଦା ନମେ ଦଣ୍ଡନୀୟୋ ତୟୋ ନାରାୟଣଃ ପ୍ରଭୁଃ ।' ସଂସାରରେ ଏପରି କୌଣସି ପାପ ନାହିଁ, ଯାହାର କ୍ଷୟ ରାମ ନାମରେ ହୁଏ ନାହିଁ । କିଙ୍କରଗଣ, ଯେଉଁମାନେ ଭକ୍ତିପୂର୍ବକ ପ୍ରତିଦିନ ମଧୁସୂଦନଙ୍କ ନାମ ନିଅନ୍ତି, ଯେ ଗୋବିନ୍ଦ, କେଶବ, ହରେ, ଜଗଦୀଶ, ବିଷ୍ଣୁ, ନାରାୟଣ, ପ୍ରଣତ ବତ୍ସଳ, ରାମ, ରାଘବ, ରଘୁନାଥ, ରଘୁପତି ଇତ୍ୟାଦି ନାମ ଉଚ୍ଚାରଣ କରି କହନ୍ତି ହେ ଲକ୍ଷ୍ମୀପତେ ! ହେ ସକଳ ପାପ ବିନାଶକାରୀ ଶ୍ରୀକୃଷ୍ଣ, ଶ୍ରୀରାମ, କଂସକେଶୀ, ରାବଣ, କୁମ୍ଭକର୍ଣ୍ଣ ନିସୂଦନ ! ଆପଣ ମୋତେ ନିଜର ଦାସ କରି ନିଅନ୍ତୁ । ଯେଉଁମାନଙ୍କର ଜିହ୍ୱାଗ୍ରରେ ଦାମୋଦର ଈଶ୍ୱର, ଅମରବୃନ୍ଦ ସେବକ, ଶ୍ରୀବାସୁଦେବ, ପୁରୁଷୋତ୍ତମ, ଶ୍ରୀରାମ ଇତ୍ୟାଦି ନାମ ରହିଥାଏ, ମୁଁ ସେମାନଙ୍କୁ ପ୍ରଣାମ କରେ । ମୁଁ ସେମାନଙ୍କ ଅଧୀନ । 'ଅହଂ ଭକ୍ତ ପରାଧୀନୋ' ଯେଉଁ ଭକ୍ତ ଭଗବାନଙ୍କ ପୂଜା ଆରାଧନାରେ ଲାଗି ରହନ୍ତି, ଯେ କପଟ ରହିତ ହୋଇ ଏକାଦଶୀ ଆଦି ବ୍ରତ କରନ୍ତି, ଯେ ବିଷ୍ଣୁଚରଣାମୃତ ପାଇ କୃତ କୃତ୍ୟ ହୁଅନ୍ତି, ଯେଉଁମାନେ ନିଜର ମାତାପିତାଙ୍କ ସେବା କରନ୍ତି, ଯେ ଗୁରୁ ବ୍ରାହ୍ମଣଙ୍କ ସେବା ପୂଜା କରନ୍ତି, ଯେ ଦୀନ ଦୁଃଖୀଙ୍କ ହୃଦୟରେ ସୁଖ ପହଞ୍ଚାନ୍ତି, ଯେ ସତ୍ୟବାଦୀ, ଶରଣାଗତ ପାଳକ, ଯେ ପ୍ରାଣୀମାନଙ୍କର ହିତୈଷୀ, ଯେ ପ୍ରଶାନ୍ତ ଚିତ୍ତ ଜନସେବା, କାମ, କ୍ରୋଧ, ଗର୍ବ, ଅହଂକାର, ଦମ୍ଭ, ମାତ୍ସର୍ଯ୍ୟ, ଅସୂୟା, ହିଂସା ରହିତ, ଜିତେନ୍ଦ୍ରିୟ, ମୁଁ ସେମାନଙ୍କର ପ୍ରିୟ, ହେ ଯମଦୂତ ଗଣ, ଜୀବନ୍ତୀ ଗଣିକା ଏବଂ ତା'ର ଶୁଆ ରାମ ନାମ ଜପ କରି ମୁକ୍ତିର ଅଧିକାରୀ, ସେମାନଙ୍କୁ ତୁମ୍ଭେମାନେ ଆଣିଥାନ୍ତ କିପରି ?

# ଶିଖିବାର କୌଣସି ବୟସ ନାହିଁ

କୁହାଯାଏ ଯେ ଶିଖିବାର କୌଣସି ବୟସ ନ ଥାଏ । ଶିଖିବାର ଏହି ଗୁଣ ବ୍ୟକ୍ତିକୁ ଏକ ଉତ୍ତମ ଶିଷ୍ୟ କରିଥାଏ । ଯେଉଁ କାରଣରୁ ସେ ଅନବରତ ନିଜ ଜୀବନରେ ଶିଖି ଚାଲିଥାଏ । ଯିଏ ନିଜ ଜୀବନରେ ଶିଖିବା ବନ୍ଦ କରିଦିଏ, ସେ ଜୀବନରେ ଅଗ୍ରଗତି କରିବା ମଧ ବନ୍ଦ କରିଦିଏ । ଶିଖିବା ବନ୍ଦ କରିବା ସହିତ ବ୍ୟକ୍ତି ନିଜର ପ୍ରଗତିର ସୋପାନରୁ ମଧ ମୁହଁ ମୋଡ଼ି ନେଇଥାଏ, ପୁଣି ସେ ସେହି ସ୍ଥାନରେ ଅଟକି ଯାଏ । ଯେଉଁ ବ୍ୟକ୍ତି ସଦୈବ ଶିକ୍ଷା କରିଥାଏ ଏବଂ ନିଜର କାର୍ଯ୍ୟକୁଶଳତା ବଢ଼ାଇ ଥାଏ, ସେ ନିଜ ପାଇଁ ଏପରି ଏକ ସ୍ଥିତିର ନିର୍ମାଣ କରେ ଯେଉଁଠି ସଫଳତା ସ୍ୱୟଂ ତା ପାଖକୁ ଚାଲି ଆସେ ଏବଂ ଏପରି ବ୍ୟକ୍ତି ଅନ୍ୟ ଲୋକଙ୍କ ପାଇଁ, ଆଗାମୀ ପିଢ଼ିଗୁଡିକ ପାଇଁ ଏକ ଆଦର୍ଶ ହୋଇଯାଏ ଅନୁକରଣୀୟ ହୋଇଯାଏ ।

ଆମ ଦେଶ ଭାରତ ସ୍ୱୟଂ ଏପରି ଏକ ଦେଶ ଯେଉଁଠି ଶତାବ୍ଦୀ ଶତାବ୍ଦୀରୁ ଜ୍ଞାନ ଲାଭ କରିବା ଏବଂ ଶିଖିବାର ପରମ୍ପରାକୁ ବହୁତ ଅଧିକ ମହତ୍ତ୍ୱ ଦିଆଯାଇଛି । ଏଠାରେ ଗୁରୁଙ୍କୁ ଗୋବିନ୍ଦଙ୍କ ଠାରୁ ମଧ ଉଚ୍ଚତମ ସ୍ଥାନ ଦିଆଯାଇଛି ଏବଂ ଏହା ପ୍ରମାଣିତ କରେ ଯେ ସମ୍ପୂର୍ଣ୍ଣ ଜ୍ଞାନ ତାଙ୍କର ଶ୍ୱାସ ପ୍ରଶ୍ୱାସରେ ପ୍ରକଟ ହୋଇଥାଏ । ସେହି ଈଶ୍ୱର ଯେତେବେଳେ ମାନବ ରୂପରେ ପୃଥିବୀ ଉପରେ ଅବତରିତ ହୁଅନ୍ତି, ତାଙ୍କୁ ମଧ ଜ୍ଞାନାର୍ଜନ ପାଇଁ ଗୁରୁଙ୍କ ନିକଟକୁ ଯିବାକୁ ପଡିଥାଏ । ଏହି ବିଷୟକୁ ଗୋସ୍ୱାମୀ ତୁଳସୀଦାସ ଭଗବାନ ରାମଙ୍କ ବିଦ୍ୟାଧ୍ୟୟନ ପ୍ରସଙ୍ଗ ଉପରେ ଏହି ପ୍ରକାର କହିଛନ୍ତି-

ଜାକୀ ସହଜ ଶ୍ୱାସ ଶ୍ରୁତି ଚାରୀ ।
ସୋ ହରି ପଢ଼ ଯହ କୌତୁକ ଭାରୀ ।

ଏହିପରି ଭଗବାନ ଶ୍ରୀକୃଷ୍ଣ ଯିଏ ବ୍ରଜଭୂମିରେ ବାଲ୍ୟଲୀଳା କରିବା ସମୟରେ ବଡ଼ ବଡ଼ ଅସୁରଙ୍କୁ ସଂହାର କରିଥିଲେ, ଦେବରାଜ ଇନ୍ଦ୍ରଙ୍କୁ ଆହ୍ୱାନ ଦେଇ କାଣି ଆଙ୍ଗୁଠିରେ ଗୋବର୍ଦ୍ଧନ ପର୍ବତକୁ ଉଠାଇ ଥିଲେ, ମଥୁରାରେ ସର୍ବାଧିକ ଶକ୍ତିଶାଳୀ ମହାରାଜ କଂସର ବଧ କରିଥିଲେ, ସେ ମଧ ବିଦ୍ୟାଧ୍ୟୟନ ହେତୁ ଗୁରୁ ସନ୍ଦୀପନୀଙ୍କ ଆଶ୍ରମ ଉଜ୍ଜୟିନୀକୁ ଯାଇଥିଲେ । ଏହା ଆମ ଦେଶର ଚିନ୍ତନର ଅଦ୍ୱିତୀୟ ସୌନ୍ଦର୍ଯ୍ୟ ଯାହା ନିଜର ଆରୋହୀ ସ୍ୱରରେ ପ୍ରକାଶ କରିଥାଏ ଯେ ବଡ଼ପଣ ଆୟୁର ହେଉ କି ସ୍ଥିତିର ହେଉ, ଶିଖିବା ସଦୈବ 'ବରେଣ୍ୟ' ଅର୍ଥାତ୍ ବରଣ କରିବା ଯୋଗ୍ୟ, ଗ୍ରହଣ କରିବା ଯୋଗ୍ୟ । ସଦୈବ ଶିଖି ଚାଲିବାର ଏହି ମନ୍ତ୍ର ଆମ ଚିନ୍ତନର ସେହି ସୂତ୍ର ଦ୍ୱାରା ମଧ ପ୍ରେରିତ ହୋଇଥାଏ, ଯାହା କହିଥାଏ ଚରୈବେତି ଚରୈବେତି । ଅର୍ଥାତ୍ ଅଟକିବା ନାହିଁ, ବରଂ ଚାଲୁଥିବା ଉଚିତ, ଅନବରତ ଚାଲୁଥିବାର ଏହି ସୂତ୍ର ଗହନ ଅର୍ଥକୁ ନିଜ ମଧରେ ସମାହିତ କରିଛି ।

ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ

# ବବୂର ମଞ୍ଜି ଲଗାଇଲେ ଆମ୍ବ କେଉଁଠି ଫଳିବ ?

**ଶା**ସ୍ତ୍ରଗୁଡିକରେ କର୍ମଫଳ ବିଧାନର ବିଶଦ ବର୍ଣ୍ଣନ ଓ ବିବେଚନ ମିଳିଥାଏ । କର୍ମଫଳ ବିଧାନ ଅନୁସାରେ ଆମେ ଯାହା ବି ଭଲ, ମନ୍ଦ, ଶୁଭ- ଅଶୁଭ, ପାପ-ପୂଣ୍ୟ ଆଦି କର୍ମ କରିଥାଉ, ସେଗୁଡିକର ଫଳ ଆମକୁ ଅବଶ୍ୟ ଭୋଗିବାକୁ ପଡିବ । ଯଦି ଆମେ ଖରାପ କର୍ମ କରୁ ତ ତାହାର ପରିଣାମ ସର୍ବଦା ଖରାପ ହିଁ ହୋଇଥାଏ । ଯଦି ଆମେ ଭଲ କର୍ମ କରୁ ତ ତାହାର ପରିଣାମ ସର୍ବଦା ଭଲ ହୋଇଥାଏ ।

ଅତୀତରେ ଅଥବା ପୂର୍ବଜନ୍ମରେ କରାଯାଇଥିବା କର୍ମ ହିଁ ପ୍ରାରବ୍ଧ ହୋଇ ଭଲ ମନ୍ଦ, ଫଳ ପରିଣାମ ରୂପେ ଆମର ବର୍ତ୍ତମାନ ଜୀବନରେ ପ୍ରକଟ ହୋଇଥାଏ ଏବଂ ଆମ ଦ୍ୱାରା ବର୍ତ୍ତମାନ ସମୟରେ କରାଯାଉଥିବା କର୍ମ ହିଁ ଭବିଷ୍ୟତରେ ବା ଆଗାମୀ ଜନ୍ମରେ ଭଲ-ମନ୍ଦ ଫଳ ଅଥବା ପ୍ରାରବ୍ଧ ରୂପେ ପ୍ରକଟ ହୋଇଥାଏ । ଏଣୁ ଆଜି ଆମେ ଭଲ ମନ୍ଦ ଯେଉଁ ସ୍ଥିତିରେ ବି ଅଛେ ତାହା ଆମ ଦ୍ୱାରା ଅତୀତରେ ଅଥବା ପୂର୍ବଜନ୍ମରେ କରାଯାଇଥିବା କର୍ମଗୁଡିକର ପରିଣାମ ଅଟେ ।

ଆମେ ବର୍ତ୍ତମାନ ସମୟରେ ଯାହା ବି କର୍ମ କରୁଛେ, ତାହାର ଆଧାରରେ ଆମେ ଭବିଷ୍ୟତରେ ଅଥବା ଆଗାମୀ ଜନ୍ମରେ ସୁଖଦ ବା ଦୁଃଖଦ ସ୍ଥିତିରେ ରହିବା । ଆମର ସୁଖ ଦୁଃଖର କାରଣ ଆମେ ନିଜେ ଅନ୍ୟ କେହି ନୁହେଁ । କର୍ମଫଳର ସିଦ୍ଧାନ୍ତ, 'ବୁଣ ଆଉ କାଟ'ର ସିଦ୍ଧାନ୍ତ ଉପରେ ଆଧାରିତ । ଯେପରି କୃଷକ ଯଦି ନିଜ କ୍ଷେତରେ ମକା, ଗହମ ବା ଆମ୍ବର ମଞ୍ଜି ବୁଣିଥାଏ ବା ଲଗାଇଥାଏ ତେବେ ତା' କ୍ଷେତରେ ମକା, ଗହମ ଓ ଆମ୍ବ ହିଁ ଉତ୍ପନ ହେବ ଏବଂ ଯଦି କୃଷକ ନିଜ କ୍ଷେତରେ ବବୂର ମଞ୍ଜି ବୁଣିଥାଏ ତ ତା' କ୍ଷେତରେ ବବୂର ଗଛ ହିଁ ଉଠିବ, କଣ୍ଟା ବିଛାଇବ । ତେଣୁ କୁହାଯାଇଛି ବବୂର ମଞ୍ଜି ଲଗାଇଲେ ଆମ୍ବ କେଉଁଠି ଫଳିବ ?

କୃଷକର କ୍ଷେତ ପରି ଏ ସଂସାର ବି ଭଗବାନର କ୍ଷେତ । ଭଗବାନଙ୍କ ସଂସାର ରୂପୀ ଏହି କ୍ଷେତରେ ଯେଉଁ ବ୍ୟକ୍ତି ଶୁଭ କର୍ମ ଅଥବା ପୁଣ୍ୟ କର୍ମର ବୀଜ ବୁଣିଥାଏ, ତାକୁ ନିଜ ଜୀବନରେ ଶୁଭ ଫଳ, ମଧୁର ଫଳ ଅଥବା ସୁଖ ହିଁ ପ୍ରାପ୍ତ ହୋଇଥାଏ । ଏଣୁ ଯଦି ଆମକୁ ମନ୍ଦ କର୍ମର ପରିଣାମ ମନ୍ଦ ହିଁ ମିଳୁଛି ତେବେ ଆମେ ମନ୍ଦ କର୍ମ କରି ନିଜ ଜୀବନରେ ଦୁଃଖକୁ ଆମନ୍ତ୍ରଣ କାହିଁକି କରିବା ? ଆମେ ସର୍ବଦା ଉତ୍ତମ, ଶୁଭ ଅଥବା ପୁଣ୍ୟ କର୍ମ ହିଁ କାହିଁକି ନ କରିବା ? କାରଣ ସତକର୍ମ, ପୁଣ୍ୟ କର୍ମ ଦ୍ୱାରା ହିଁ ଆମକୁ ନିଜ ଜୀବନରେ ସୁଖ ପ୍ରାପ୍ତି ହେବ, ପ୍ରସନ୍ନତା ପ୍ରାପ୍ତି ହେବ ।

ଯେତେବେଳେ ଆମେ କୌଣସି ମନ୍ଦ କର୍ମ କରୁ, ଯେପରି ଚୋରି, ବେଇମାନି, ହତ୍ୟା, ଲୁଟ, ବ୍ୟଭିଚାର, ଭ୍ରଷ୍ଟାଚାର ଆଦି କରୁତ ଆମ ମନ ଭିତରେ ସର୍ବଦା ଏକ ଅଜ୍ଞାତ ଭୟ ଲାଗି ରହେ । ଆମକୁ ଆତ୍ମଗ୍ଲାନି ହୁଏ, ମାନସିକ ପୀଡ଼ା ହୁଏ । ଆମେ ଚାପ ଅବସାଦରେ ରହିଥାଉ । ଆମେ ଧନ ଦୌଲତ ଥାଇ ମଧ ସୁଖୀ ରହିପାରି ନ ଥାଉ, କାରଣ ଆମ ଦ୍ୱାରା କରାଯାଇଥିବା ମନ୍ଦ କର୍ମ କାରଣରୁ ଆମ ଚିତ୍ତରେ ଅନ୍ତଃକରଣରେ ହାହାକାର ଲାଗି ରହିଥାଏ ଯଦ୍ୱାରା ଆମେ ସର୍ବଦା ଅଶାନ୍ତ ଓ ବ୍ୟାକୁଳ ରହିଥାଉ । ଏପରି ସ୍ଥିତିରେ ଆମର ସୁଖ ଶାନ୍ତି ଚାଲିଯାଏ ।

ମନ୍ଦ କର୍ମ କଲେ ଆମେ ଭିତରେ ହୀନ ଭାବନା ଓ ଆତ୍ମଗ୍ଲାନି ହୋଇଥାଏ, ଯଦ୍ୱାରା ଆମକୁ କେତେ ପ୍ରକାର ମାନସିକ ରୋଗ, ସମସ୍ୟା ଭୋଗିବାକୁ ପଡିଥାଏ । ଆମର ମାନ, ସମ୍ମାନ ସବୁ କିଛି ସମାପ୍ତ ହୋଇଯାଏ । ଅନ୍ୟ ପକ୍ଷରେ ଯେବେ ଆମେ କୌଣସି ପୁଣ୍ୟ କର୍ମ କରୁ, ଶୁଭ କର୍ମ କରୁ, ଉତ୍ତମ କର୍ମ କରୁ, ଯେପରି କାହାର ସହାୟତା କରିବା କାହାକୁ ଧନ ସାହାଯ୍ୟ ଦେବା, କାହା ପ୍ରତି ସଦଭାବନା ରଖିବା ଆଦି କରୁ ଆମକୁ ଅପାର ମାନସିକ ଶାନ୍ତି ମିଳିଥାଏ, ଆମକୁ ଆତ୍ମସନ୍ତୋଷ ମିଳିଥାଏ । ଆମକୁ ଆତ୍ମିକ ପ୍ରସନ୍ନତା ପ୍ରାପ୍ତ ହୋଇଥାଏ । ଏହିପରି ଶୁଭ ଓ ପବିତ୍ର କର୍ମ କରିବା ଦ୍ୱାରା ଆମର ଚିତ୍ତଶୁଦ୍ଧି ହୋଇଥାଏ ।

ଏପରି କଲେ ସମାଜରେ ଲୋକେ ଆମକୁ ମାନ ଓ ସମ୍ମାନ ଦିଅନ୍ତି । ଆମେ ନିଜ ଦୃଷ୍ଟିରେ ବି ଉଚ୍ଚକୁ ଉଠିଥାଉ । କୁହାଯାଏ ଯେ କୌଣସି ମନୁଷ୍ୟ ପାହାଡ଼ରୁ ଖସିଯାଇ ବି ପୁଣି ଉଠିପାରେ, କିନ୍ତୁ ଯିଏ ନୀଚ କର୍ମ, ମନ୍ଦ କର୍ମ, ପାପ କର୍ମ ଆଦି କରି ନିଜ ଦୃଷ୍ଟିରୁ ସ୍ୱୟଂ ଖସିଯାଏ, ସେ କେବେ ହେଲେ ଉଠିପାରେ ନାହିଁ । ସେ ସର୍ବଦା ହୀନଭାବନା ଓ ଆତ୍ମଗ୍ଲାନିର ବୋଝ ତଳେ ଦବି ରହେ ଏବଂ ତାପରେ ତାର ଜୀବନ ଭାର ସ୍ୱରୂପ ହୋଇଯାଏ, ଯାହାକୁ ସେ ଜୀବନ ସାରା ସକେଇ ହୋଇ, ବିଳାପ କରି କୌଣସି ମତେ ବୋହିଥାଏ ।

ଉତ୍ତମ କର୍ମ କରୁଥିବା ଲୋକେ ଆତ୍ମସନ୍ତୋଷ ପାଆନ୍ତି ଓ ସର୍ବଜ୍ଞ, ସର୍ବବ୍ୟାପୀ ଈଶ୍ୱରଙ୍କ କୃପାପାତ୍ର ହୁଅନ୍ତି, ଅନ୍ୟ ପକ୍ଷରେ କୁକର୍ମ କରୁଥିବା ଲୋକେ ଈଶ୍ୱରଙ୍କ କୃପା ପ୍ରସାଦରୁ ବଞ୍ଚିତ ରହିଥାନ୍ତି । ଏଣୁ ଆମେ ସର୍ବଦା ଶୁଭ କର୍ମ କରିବା, ପୂଣ୍ୟ କରିବା, ଭଲ କର୍ମ କରିବା ହିଁ ବୁଦ୍ଧିମାନର କଥା ହେବ, ଯଦ୍ୱାରା ଆମେ ମଧୁର ଫଳ ଲାଭ କରି ପାରିବା ଏବଂ ମନ୍ଦ କର୍ମରୁ, ପାପ କର୍ମରୁ ଦୁରେଇ ରହିବା ଯଦ୍ୱାରା ଆମକୁ କୌଣସି ଦୁଃଖ ପ୍ରାପ୍ତ ହେବ ନାହିଁ ।

ପ୍ରଶ୍ନ ଉଠୁଛି ଯେ ଆମେ ଚାହିଁଲେ ମଧ ମନ୍ଦ କର୍ମ, ପାପ କର୍ମ କରିବାରୁ ନିଜକୁ କାହିଁକି ରୋକିପାରୁ ନାହେଁ ? ଆମେ ପୁଣ୍ୟ କର୍ମ କରିବାକୁ ତ ଚାହିଁଥାଉ, କିନ୍ତୁ ଏପରି କରିପାରି ନ ଥାଉ ଏବଂ ଆମେ ଚାହିଁଥାଉ ଯେ ଆମେ ପାପ କର୍ମ କରିବୁ ନାହିଁ, ତଥାପି ଆମେ କେଜାଣି କାହିଁକି ପାପ କର୍ମରେ ଲିପ୍ତ ହୋଇଯାଉ ? ଏପରି କାହିଁକି ହୋଇଥାଏ ? ଏପରି କେଉଁ ଶକ୍ତି ଅଛି, ଯାହା ଆମକୁ ମନ୍ଦ କର୍ମରେ ଜବରଦସ୍ତ ଲିପ୍ତ କରିଥାଏ ? ଏକଥା ସତ୍ୟ ଯେ ଆମେ ନ ଚାହିଁଲେ ବି କେବେ କେବେ ପାପ କର୍ମରେ ଲିପ୍ତ ହୋଇଯାଉ । ଆମେ ସ୍ୱୟଂକୁ ଏପରି କରିବାରୁ ରୋକିବାକୁ ତ ଚାହିଁଥାଉ, କିନ୍ତୁ ରୋକିପାରି ନ ଥାଉ । ଆମେ ଜାଣୁ ଯେ ଧର୍ମ କ'ଣ ଅଧର୍ମ କ'ଣ, ପାପ କ'ଣ, ପୁଣ୍ୟ କ'ଣ, କିନ୍ତୁ ପୁଣ୍ୟ କର୍ମରେ ଆମର ପ୍ରବୃତ୍ତି ହୋଇ ନ ଥାଏ ଓ ପାପ କର୍ମରୁ ନିବୃତ୍ତି ହୋଇ ନ ଥାଏ । ଏପରି କାହିଁକି ?

ଯେପରି କୌଣସି ସ୍ଥାନର ଭୂମିରେ କୌଣସି ବିଶେଷ ପ୍ରକାର ଫସଲ ଉତ୍ପନ୍ନ ହେବା, ବୃଦ୍ଧି ପାଇବା, ଲହଲହ ହେବାର ସମ୍ଭାବନା ଅଧିକ ପ୍ରବଳ ହୋଇଥାଏ ଓ କେଉଁଠି କମ୍ ହୋଇଥାଏ । କୌଣସି ଭୂମିରେ କୌଣସି ବୀଜ ଉତ୍ପନ୍ନ ହେବା ପାଇଁ ପର୍ଯ୍ୟାପ୍ତ ଉର୍ବରତା ଥାଏ ଏବଂ କୌଣସି ବିଶେଷ ଫସଲ ପାଇଁ ଉର୍ବରତା କମ୍ ଥାଏ ବା ବିଲକୁଲ ନ ଥାଏ । ଯେପରି କେଉଁଠି ଫସଲ ହୋଇଥାଏ ତ କେଉଁଠି ବିଲକୁଲ ହୋଇ ନ ଥାଏ । କେଉଁଠି ଉପଯୁକ୍ତ ଜଳବାୟୁ କାରଣରୁ ସେଓ ଫସଲ ଅଧିକ ହୋଇଥାଏ ତ ଅନୁପଯୁକ୍ତ ଜଳବାୟୁ କାରଣରୁ କେଉଁଠି ବିଲକୁଲ ହୋଇ ନ ଥାଏ । ସେହିପରି ଯଦି ଆମର ଚିତ୍ତଭୂମିରେ ମନ୍ଦ କର୍ମର ସଂସ୍କାର ଥାଏ ପ୍ରଭାବ ଥାଏ ତ ତାହାର ପ୍ରଭାବରେ ଆସି ବ୍ୟକ୍ତି ମନ୍ଦ କର୍ମରେ, ପାପ କର୍ମରେ ଶୀଘ୍ର ଲିପ୍ତ ହୋଇଯାଏ । ତା'ର ସଂକଳ୍ପବଳ ଆତ୍ମବଳ ବଡ଼ ଦୁର୍ବଳ ହୋଇଥାଏ, ଯଦ୍ୱାରା ସେ ମନ୍ଦ କର୍ମ କରିବାରୁ ନିଜକୁ ରୋକିପାରେ ନାହିଁ ।

ଅନ୍ୟ ପକ୍ଷରେ ଯେଉଁ ବ୍ୟକ୍ତିର ଚିତ୍ତଭୂମିରେ ପୂର୍ବରୁ କରାଯାଇଥିବା ପୁଣ୍ୟ କର୍ମର ସଂସ୍କାର ଥାଏ ତ ସେହି ଉତ୍ତମ ସଂସ୍କାର ଦ୍ୱାରା ପ୍ରେରିତ, ପ୍ରଭାବିତ ହୋଇ ବ୍ୟକ୍ତି ପୁଣ୍ୟ କର୍ମରେ ସହଜରେ ପ୍ରବୃତ୍ତ ହୋଇଯାଏ । ସେ ଧର୍ମ କର୍ମରେ ଶୀଘ୍ର ପ୍ରବୃତ୍ତ ହୋଇଯାଏ । ସେ ପରୋପକାରରେ ସହଜରେ ପ୍ରବୃତ୍ତ ହୋଇଥାଏ । ଏଣୁ ଯେପରି କୃଷକ ବୀଜ ବୁଣିବା ପୂର୍ବରୁ ନିଜ କ୍ଷେତର ମାଟିକୁ ଉର୍ବର କରିଥାଏ ବିବିଧ ପ୍ରକାର ସାରର ପ୍ରୟୋଗ କରିଥାଏ, କ୍ଷେତକୁ ଭଲ ଭାବରେ ହଳ କରିଥାଏ, ପାଣି ମନାଇ ଥାଏ, ସେହିପରି ଆମେ ନିରନ୍ତର ଜପ, ତପ, ଧାନ, ଭକ୍ତି, ସ୍ୱାଧାୟ ଆଦି ଦ୍ୱାରା ନିଜ ଚିତ୍ତଭୂମିରେ ପୂର୍ବରୁ ନିହିତ ମନ୍ଦ ସଂସ୍କାରଗୁଡିକୁ ସବୁ ଦିନ ପାଇଁ ସମାପ୍ତ କରି ତାହାକୁ ଉର୍ବର କରି ପାରିବା ।

ମନ୍ଦ ସଂସ୍କାରଗୁଡିକର ପ୍ରଭାବ ସମାପ୍ତ ହେବା ମାତ୍ରେ ଆମ ଭିତରେ ନୂତନ ସଂକଳ୍ପ ଆତ୍ମବଳ ଉତ୍ପନ୍ନ ହୋଇଯିବ । ଆମ ଭିତରେ ପୁଣ୍ୟ କର୍ମ କରିବାର ସହଜ ପ୍ରବୃତ୍ତି ଜନ୍ମ ନେବ । ସେତେବେଳେ ଆମ ଅନ୍ତରରେ ସ୍ୱଭାବତଃ ପୁଣ୍ୟ କର୍ମ କରିବାର ସହଜ ପ୍ରବୃତ୍ତି ସୃଷ୍ଟି ହେବାରେ ଲାଗିବ । ସେତେବେଳେ ଆମେ ସ୍ୱଭାବତଃ ପୁଣ୍ୟ କର୍ମ, ଧର୍ମ କର୍ମ ପ୍ରତି ପ୍ରବୃତ୍ତ ହେବାରେ ଲାଗିବା । ସେତେବେଳେ ଆମେ ପ୍ରକୃତରେ ସର୍ବଦା ଆନନ୍ଦିତ ଓ ପ୍ରଫୁଲ୍ଲିତ ରହି ପାରିବା ଏବଂ ଜୀବନକୁ ଉତ୍ତମ ରୂପେ ଯାପନ କରି ଜୀବନର ପରମ ଲକ୍ଷ୍ୟକୁ ମଧ ପ୍ରାପ୍ତ କରି ପାରିବା ।

## ଟିକିଏ ହସନ୍ତୁ

ଶିକ୍ଷକ : ଝିଟିପିଟି କ'ଣ ?
ଗୋଲୁ : ଝିଟିପିଟି ଏକ ଗରିବ କୁମ୍ଭୀର, ଯାହାକୁ ପିଲାଦିନେ ବର୍ନଭିଟା ଖାଇବାକୁ ମିଳି ନ ଥିଲା । ଆଉ ସେ କୁପୋଷଣର ଶିକାର ହୋଇ ଶୁକୁଟିଗଲା ।

× × × ×

ଭିକାରି : ଭଗବାନଙ୍କ ନାଁରେ କିଛି ଦେଇଦିଅ ବାବା ।
ଯୁବକ : ଏଇ ନେଇଯାଅ ମୋର ଇଞ୍ଜିନିୟରିଂ ଡିଗ୍ରୀ ।
ଭିକାରି : ତମେ ମତେ କନ୍ଦେଇବ ନା କ'ଣ ? ତମକୁ ଦରକାର ଯଦି ଏଇ ନେଇଯାଅ ମୋର ଏମବିଏ ଡିଗ୍ରୀ ।

× × ×

ସ୍ତ୍ରୀ ସ୍ୱାମୀଙ୍କୁ ନୁଆ ଶାଢ଼ି ପିନ୍ଧି : ହେଇଟି, ମୁଁ କେମିତି ଦେଖାଯାଉଛି ?
ସ୍ୱାମୀ : ସୁନ୍ଦର ।
ସ୍ତ୍ରୀ : କହୁନ, କେତେ ସୁନ୍ଦର ।
ସ୍ୱାମୀ : ଏତେ ସୁନ୍ଦର ଯେ, ଇଚ୍ଛା ହେଉଛି ତମଭଳି ଆଉଜଣଙ୍କୁ ବାହା ହେଇଯିବି ।



× × × ×

ଶିକ୍ଷକ : ବସନ୍ତ ମତେ ମୁଥ ମାରିଲା, ଏହି ବାକ୍ୟକୁ ଇଂରାଜୀରେ ଟ୍ରାନ୍ସଲେଟ୍ କର ।
ପପୁ : ସାର୍ ମୁଁ କହିବି ।
ଶିକ୍ଷକ : କହ ।
ପପୁ : ସାର୍, ବସନ୍ତପଞ୍ଚମୀ ।

× × × × × × ×

ମା'ପୁଅକୁ : ଆଜି ପରୀକ୍ଷା ଥିଲା ପରା । ତୋ' ପେପର କେମିତି ଥିଲା ?
ପୁଅ : ପତଳା ଆଉ ଧଳା ରଙ୍ଗର ।

× × × × ×

ଝିଅ ପୁଅକୁ : ତୁ ଜହାଁ ଜହାଁ ଚଲେଗା, ମେରା ସାୟା ସାଥ ହୋଗା ।
ପୁଅ : ମତେ ତ ପ୍ରଥମରୁ ହିଁ ଲାଗୁଥିଲା ତୁ ଗୋଟେ ଭୁତୁଣୀ ବୋଲି ।

× × × × ×

ପୁଅ ବାପାଙ୍କୁ : ସ୍ତ୍ରୀ, ପତ୍ନୀ, ଅର୍ଦ୍ଧାଙ୍ଗିନୀ, ଶ୍ରୀମତି, ଘରବାଲୀ.. ଇତ୍ୟାଦି ଭିତରେ କ'ଣ ଫରକ ଅଛି ?
ବାପା : ପୁଅ ଏତେ କଥା ଭାବେନା । ଏସବୁ ହେଉଛି ଗୋଟିଏ ସମସ୍ୟାର ଅନେକ ନାମ ।

## ସୂର୍ଯ୍ୟକିରଣର ଆବଶ୍ୟକତା



**ଆମ** ହାଡ଼ଗୋଡ ଶକ୍ତ ହେବା ସହ ସୂର୍ଯ୍ୟକିରଣର ସ୍ପର୍ଶ ବ୍ୟକ୍ତିର ମାନସିକ ଚାପକୁ ମଧ ଯଥାସାଧ କମ୍ କରିବାକୁ ଚେଷ୍ଟା କରିଥାଏ । ଗ୍ରୀଷ୍ମ ଋତୁରେ ଦ୍ୱିପହରର ସୂର୍ଯ୍ୟକିରଣ ଆମ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଭୋରବେଳାର ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିଲେ ଆମ ନିଦ ମଧ ଭଲ ହେଉଥିବାର ବିଶେଷଜ୍ଞଙ୍କ ମତ । ସୂର୍ଯ୍ୟକିରଣ ଶରୀରକୁ ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ ଯୋଗାଇଥାଏ । ଶୀତଦିନେ ସକାଳବେଳା ପ୍ରାତଃ ଭ୍ରମଣ କରିବା ଆମ ସ୍ୱାସ୍ଥ୍ୟ ପାଇଁ ହିତକାରୀ ।

ବର୍ଷ ୨୫, ସଂଖ୍ୟା-୨୧, ୨୦ - ୨୬ ଜୁନ୍ ୨୦୨୧

# କୋଇଲା ରୟାଲ୍‌ଟି ସଂଶୋଧନ ହେଉ

**କେନ୍ଦ୍ର** ସରକାର କୋଇଲା ରୟାଲଟି ସଂଶୋଧନ ନେଇ ଅନୁଧ୍ୟାନ ଗୋଷ୍ଠୀ ଗଠନ କରିଥିଲେ । ସେହି ଗୋଷ୍ଠୀ ତାହାର ରିପୋର୍ଟ କେନ୍ଦ୍ର ସରକାରଙ୍କୁ ୨୦୧୮ ଫେବ୍ରୁଆରି ୫ ତାରିଖରୁ ଦାଖଲ କରି ସାରିଛି । ଏହାର ସାଢ଼େ ତିନିବର୍ଷ ପରେ ବି କୋଇଲା ରୟାଲଟି ସଂଶୋଧନ ନେଇ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି । ଓଡ଼ିଶା କୋଇଲା ରୟାଲଟିକୁ ୧୪ ପ୍ରତିଶତରୁ ୨୦ ପ୍ରତିଶତକୁ ବୃଦ୍ଧି କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାବି କରି ଆସୁଛନ୍ତି । ରାଜ୍ୟ ସରକାର କେନ୍ଦ୍ରକୁ ଏ ପ୍ରସଙ୍ଗରେ ଅନେକ ବାର ଚିଠି ଲେଖିଛନ୍ତି । ପୂର୍ବାଞ୍ଚଳ ବିକାଶ ବୈଠକ ଠାରୁ ଆରମ୍ଭ କରି ପଞ୍ଚଦଶ ଅର୍ଥ କମିସନଙ୍କ ସାମ୍ନାରେ ମୁଖ୍ୟମନ୍ତ୍ରୀ ରଖିଥିବା ଏ ସଂକ୍ରାନ୍ତ ପ୍ରସ୍ତାବକୁ କେନ୍ଦ୍ର ସରକାର ବାରମ୍ବାର ଏଡାଇ ଚାଲିଛନ୍ତି । ଏପରିକି ଓଡ଼ିଶାର ସାଂସଦମାନେ ମଧ୍ୟ ପ୍ରତି ଅଧିବେଶନରେ ଏହା ଉପରେ ତମ୍ବିତୋଫାନ କରୁଥିଲେ ହେଁ, ଓଡ଼ିଶାର ସ୍ୱାର୍ଥ ସଂପର୍କିତ ଏହି ପ୍ରସଙ୍ଗ ଉପରେ କେନ୍ଦ୍ର ସରକାର ନଛୋଡ଼ବନ୍ଧା ।


କେବଳ ଏହି ଗୋଟିଏ କ୍ଷେତ୍ରରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ତା ନୁହେଁ, କେନ୍ଦ୍ର ସରକାର ଆଦାୟ କରୁଥିବା ସ୍ୱଚ୍ଛ ଇନ୍ଧନ ସେସକୁ କୋଇଲା ଖଣି ଅଞ୍ଚଳରେ ଖର୍ଚ୍ଚ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ଦାବି ଉପରେ ବି କୌଣସି ପଦକ୍ଷେପ ନେଉନାହାନ୍ତି । ଓଡ଼ିଶା କୋଇଲା ପ୍ରଦୂଷଣ ଗିଳୁଛି । ସ୍ଥାନୀୟ ଅଞ୍ଚଳର ଲୋକେ ଜୀବନ ମୃତ୍ୟୁ ସହିତ ଲଢ଼ୁଛନ୍ତି । ଅଥଚ ଏହି ସେସ୍ ବାବଦରେ ଆଦାୟ ହେଉଥିବା ଅର୍ଥ ସଂପୃକ୍ତ ଅଞ୍ଚଳର ବିକାଶରେ ଖର୍ଚ୍ଚ ନ ହୋଇ ଜିଏସଟି କ୍ଷତିପୂରଣ ବାବଦରେ ସବୁ ରାଜ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ସରକାର ବାଣ୍ଟି ଦେଉଛନ୍ତି । ଉଭୟ ପ୍ରସଙ୍ଗ ଏବେ ଓଡ଼ିଶାର ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପକାଇଛି ଓ ସ୍ଥାନୀୟ ଅଞ୍ଚଳର ବିକାଶ ରାସ୍ତାରେ ବି ବାଧକ ସାଜିଛି । ସରକାରିଆ କମିସନଙ୍କ ସୁପାରିଶ ଅନୁସାରେ କୋଇଲା ରୟାଲଟି ପ୍ରତି ତିନି ବର୍ଷରେ ସଂଶୋଧନ ହେବା କଥା । ମାତ୍ର ୨୦୧୪ ମସିହାରୁ କେନ୍ଦ୍ର ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି । ଓଡ଼ିଶା ଶହ ଶହ କୋଟି ଟଙ୍କା ହରାଉଛନ୍ତି ଓ ରାଜ୍ୟର ବିକାଶ ବାଧାପ୍ରାପ୍ତ ହେଉଛି । ରାଜ୍ୟ ସରକାରଙ୍କ ଯୁକ୍ତି ହେଉଛି, ଦେଶରେ ଉତ୍ତୋଳନ ହେଉଥିବା ମୋଟ କୋଇଲାରେ ଓଡ଼ିଶାର ଯୋଗଦାନ ଏକ ପଞ୍ଚମାଂଶ ରହିଛି । ରାଜ୍ୟରୁ ବିପୁଳ ପରିମାଣର କୋଇଲା ଉତ୍ତୋଳନ ହେଉଥିବାରୁ ଏହାର ପ୍ରତିକୂଳ ପ୍ରଭାବ ଓଡ଼ିଶାବାସୀଙ୍କୁ ଭୋଗିବାକୁ ପଡିଥାଏ । ପରିବେଶ ପ୍ରଦୂଷଣଠାରୁ ଆରମ୍ଭ କରି ଜଳ ସମ୍ପଦ ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି । ଅନେକ ଲୋକ ବିସ୍ଥାପିତ ହୋଇଥାନ୍ତି । କିନ୍ତୁ କୋଇଲାରୁ ମିଳୁଥିବା ଲାଭର ସିଂହଭାଗ କେନ୍ଦ୍ର ସରକାର ନେଇ ଯାଉଛନ୍ତି । ଖଣି ଓ ଖଣିଜ ବିକାଶ ଓ ନିୟାମକ ଆଇନରେ ପ୍ରତି ୩ ବର୍ଷରେ କୋଇଲା ରୟାଲଟି ସଂଶୋଧନର ବ୍ୟବସ୍ଥା ରହିଛି, କିନ୍ତୁ ଗତ ୮ ବର୍ଷ ଧରି ଏହା ସଂଶୋଧନ ହୋଇ ନାହିଁ ।

କୌତୁହଳ କଥା ହେଉଛି ନିକଟରେ ସଂସଦରେ କେନ୍ଦ୍ର ସରକାର ଏକ ଅଜବ ଯୁକ୍ତି ଉପସ୍ଥାପନ କରିଛନ୍ତି । ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଥିଲେ ପ୍ରତି ତିନି ବର୍ଷରେ ଥରେ ରୟାଲଟି ଦର ସଂଶୋଧନ କରିବା ନିମନ୍ତେ ଏହି ଆଇନରେ କୌଣସି ବାଧ୍ୟତାମୂଳକ ବ୍ୟବସ୍ଥା ବି ନାହିଁ । କୋଇଲା ଏବଂ 'ଲିଗନାଇଟ୍'ର ସାମ୍ପ୍ରତିକ ରୟାଲଟି ଦର ସଂଶୋଧନ ପ୍ରସଙ୍ଗରେ ଅନୁଶୀଳନ କରାଯିବା ଉଦ୍ଦେଶ୍ୟରେ ୨୦୧୪ ଜୁଲାଇ ୨୧ ତାରିଖରେ ଏକ ଅନୁଧ୍ୟାନକାରୀ କମିଟି ଗଠନ କରାଯାଇଥିଲା । ଏହି କମିଟି ସରକାରଙ୍କୁ ତାଙ୍କ ରିପୋର୍ଟ ଦେଇଛନ୍ତି । ଯେଉଁଥିରେ କୋଇଲା ରୟାଲଟି ଦର ପରିବର୍ତ୍ତନ ନ କରିବାକୁ ପ୍ରସ୍ତାବ ଆସିଛି । ସରକାର ଏହି ରିପୋର୍ଟକୁ ଗ୍ରହଣ କରିଥିବା ପରିପ୍ରେକ୍ଷୀରେ ରୟାଲଟି ବୃଦ୍ଧି କରାଯିବ ନାହିଁ । ମନ୍ତ୍ରୀ ଆହୁରି କହିଥିଲେ କୋଇଲାର ନେଣଦେଣ ମୂଲ୍ୟ ଟିକସ ଉପରେ ସମ୍ପ୍ରତି ୧୪% ରୟାଲଟି ଦିଆଯାଉଛି । ଏହାଛଡ଼ା ଡିଷ୍ଟ୍ରିକ୍ଟ ମିନେରାଲ୍ ଫାଉଣ୍ଡେସନ୍, ଲାଗି ରାଜ୍ୟ ସରକାରମାନେ ୨୦୧୫ ଜାନୁଆରି ୧୨ ପୂର୍ବରୁ ମଞ୍ଜୁର ହୋଇଥିବା ଖଣି ଲିଜ୍ ବାବଦରେ ରୟାଲଟିର ୩୦% ଏବଂ ୨୦୧୫ ଜାନୁଆରି ୧୨ ଦିନ କିମ୍ବା ତା'ପରେ ମଞ୍ଜୁର ହୋଇଥିବା ଖଣି ଲିଜ୍ ବାବଦକୁ ରୟାଲଟିର ୧୦% ଆଦାୟ କରୁଛନ୍ତି । ଯେହେତୁ କୋଇଲାର ନେଣଦେଣ ମୂଲ୍ୟ ଉପରେ ରୟାଲଟି ଆଧାରିତ ଏଣୁ କୋଇଲା ଦର ବଢ଼ିଲେ ସମ୍ପୃକ୍ତ ରାଜ୍ୟର ଏ ବାବଦ ରାଜସ୍ୱ ମଧ୍ୟ ଆପେ ବୃଦ୍ଧି ପାଉଛି । ମନ୍ତ୍ରୀଙ୍କର ଏଭଳି ଅଜବ ଉତ୍ତର ଏବେ ଓଡ଼ିଶା ଭଳି ରାଜ୍ୟ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇଛି ।

ସେହିଭଳି କେନ୍ଦ୍ର ସରକାରଙ୍କ ଦ୍ୱାରା କୋଇଲା ଉପରୁ ଆଦାୟ କରାଯାଉଥିବା ସ୍ୱଚ୍ଛ ଇନ୍ଧନ ସେସ୍‌କୁ ଉପରୋକ୍ତ ସମୟ ମଧ୍ୟରେ ଟନ୍ ପିଛା ୫୦ ଟଙ୍କାରୁ ୪୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ୨୦୧୦-୧୧ ମସିହାରେ ସ୍ୱଚ୍ଛ ଇନ୍ଧନ ସେସ୍ ଲାଗୁ ହେବା ଦିନଠାରୁ କେନ୍ଦ୍ର ସରକାର ଏ ବାବଦରେ ୨୦ ହଜାର କୋଟିରୁ ଯଥେଷ୍ଟ ଅଧିକ ଟଙ୍କା ଆଦାୟ କରି ସାରିଲେଣି । କୋଇଲା ଖଣି ଖନନର ପ୍ରତିକୂଳ ପ୍ରଭାବର ମୁକାବିଲା କରିବା ପାଇଁ ରାଜ୍ୟ ସରକାର ଏହି ପାଣ୍ଠିରୁ ଆଦାୟ ଅର୍ଥ ଦାବି କରୁଥିଲେ ହେଁ ସେ ବାବଦରେ ବି କେନ୍ଦ୍ର ସରକାର ଟଙ୍କାଟିଏ ଦେବାକୁ ପ୍ରସ୍ତୁତ ନୁହେଁ । ଏବେ ପ୍ରଶ୍ନ ଉଠୁଛି ଓଡ଼ିଶା ପ୍ରଦୂଷଣ ଖାଇବ, ଲୋକେ ବିସ୍ଥାପିତ ହେବେ, ରାସ୍ତାଘାଟ ସବୁ କିଛି ବରଦାନ ହେବ । କିନ୍ତୁ କେନ୍ଦ୍ର ସରକାର ଟିକସ ଆଦାୟ କରି ଅନ୍ୟ ରାଜ୍ୟକୁ କାହିଁକି ଦେବେ ? ରାଜ୍ୟ ସରକାର ଏହି ପ୍ରସଙ୍ଗକୁ ନେଇ ଜୋରଦାର ଚାପ ସୃଷ୍ଟି କରିବା ଆବଶ୍ୟକ ।

# ନୟୀ ତାଲିମ

## ମହାତ୍ମା ଗାନ୍ଧୀ



**ଶିକ୍ଷାର** ମାଧ୍ୟମରୂପେ ବ୍ୟବହୃତ ହେବାଲାଗି ଉଦ୍ଦିଷ୍ଟ ଯେ କୌଣସି ମୌଳିକ ଉଦ୍ୟୋଗକୁ ସାର୍ବଜନୀନତାର ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହେବାକୁ ପଡୁଥିବ । ଉଦ୍ୟୋଗ, କଳା, ସ୍ୱାସ୍ଥ୍ୟ, ଏବଂ ପାଠ ଏହି ସବୁଗୁଡିକୁ ଗୋଟିଏ ସମଗ୍ର ଯୋଜନା ଭିତରକୁ ଏକତ୍ର କରି ଅଣାଯିବ । ନୟୀ ତାଲିମରେ ଏହି ଚାରୋଟିଯାକର ସୁସମାବେଶ ହୋଇପାରିଛି ଏବଂ ଗର୍ଭରେ ରହିବା ଠାରୁ ଶେଷନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ଜଣେ ବ୍ୟକ୍ତିର ସମଗ୍ର ଶିକ୍ଷାର କ୍ଷେତ୍ରଟି ମଧ୍ୟରେ ଏହା ପରିବ୍ୟାପ୍ତ ହୋଇ ରହିଛି । ଉଦ୍ୟୋଗ ଏବଂ ଶିଳ୍ପକୁ ଶିକ୍ଷାଠାରୁ ଭିନ୍ନ ବୋଲି ନଦେଖି ମୁଁ ପ୍ରଥମଟିକୁ ଦ୍ୱିତୀୟର ମାଧ୍ୟମ ବୋଲି ଗ୍ରହଣ କରିବି ।


ମୋ'ର କଳ୍ପିତ ନୟୀ ତାଲିମ ଅର୍ଥ ଉପରେ ନିର୍ଭର କରେନାହିଁ । ଦୈନନ୍ଦିନ ବ୍ୟୟଗୁଡିକ ସେହି ଶିକ୍ଷାଟିର ପ୍ରକ୍ରିୟାରୁ ହିଁ ଆଦାୟ ହେବ । ଯେପରି ଭାବରେ ଏହାର ସମାଲୋଚନା କରାଯାଉ ପଛକେ, କେବଳ ଏକ 'ଆତ୍ମନିର୍ଭରଶୀଳ' ଶିକ୍ଷାକୁ ହିଁ ମୁଁ ଏକମାତ୍ର ଶିକ୍ଷା ବୋଲି ସ୍ୱୀକାର କରିବି ।'

ଏହାକୁ ନୟୀ ତାଲିମ ବୋଲି କୁହାଯାଉଛି, କାରଣ ତାହାକୁ ବିଦେଶର କୌଣସି ପଦ୍ଧତିରୁ ନକଲ କରାଯାଇ ଅଥବା ଉତାରି ଅଣା ଯାଇନାହିଁ, ମାତ୍ର ପ୍ରଧାନତଃ ଗାଆଁଗୁଡିକୁ ନେଇ ତିଆରି ହୋଇଥିବା ଭାରତବର୍ଷର ପରିବେଶ ସହିତ ସଂଗତି ରଖି ଏହାର ଉଦ୍‌ଭାବନ ହୋଇଛି । ଏହି ଶିକ୍ଷା ଜଣେ ମନୁଷ୍ୟ ତିଆରି ହୋଇଥିବା ଶରୀର, ମନ ଓ ଆତ୍ମା ମଧ୍ୟରେ ଏକ ସମତାବସ୍ଥା ପ୍ରତିଷ୍ଠିତ କରି ରଖିବାରେ ବିଶ୍ୱାସ କରୁଛି । ପ୍ରଧାନତଃ ସମରଧର୍ମୀ ପାଶ୍ଚାତ୍ୟ ପ୍ରକାରଟି ସହିତ ଏହାର କୌଣସି ସାମଞ୍ଜସ୍ୟ ନାହିଁ । ପାଶ୍ଚାତ୍ୟ ଶିକ୍ଷାପଦ୍ଧତିରେ ମୂଳତଃ ମନ ଏବଂ ଦେହର ଯତ୍ନ ନିଆଯାଏ ଏବଂ ଆତ୍ମାକୁ ଗୌଣ କରି ରଖାଯାଏ । କେବଳ କୌଣସି ହସ୍ତୋଦ୍ୟୋଗ ମାଧ୍ୟମରେ ଶିକ୍ଷାଦେବା ଦ୍ୱାରା ସେହି ସଂଗତିଟିକୁ ସର୍ବୋତ୍ତମ ଭାବରେ ସମ୍ଭବ କରାଯାଏ । ଏହାର ଦ୍ୱିତୀୟ ବିଶେଷତ୍ୱଟି ହେଉଛି ଯେ, ସମ୍ପୂର୍ଣ୍ଣ ଭାବରେ ସ୍ୱାବଲମ୍ବୀ ହୋଇ ପାରିବା ଲାଗି ଏହି ଶିକ୍ଷାର ରୂପରେଖ ନିର୍ମାଣ କରାଯାଇଛି । ତେଣୁ, ଶିକ୍ଷା ନିମନ୍ତେ କୋଟି କୋଟି ଟଙ୍କା ଖରଚ କରା ହେଉ ବୋଲି ଏହି ଶିକ୍ଷା ଆଦୌ ଦାବି କରେ ନାହିଁ ।

ଶିକ୍ଷକମାନେ ଯାହା କହନ୍ତି, ତାହାକୁ ସେମାନେ ନିଜେ ଉପାର୍ଜନ କରିଥାନ୍ତି । ଏହା ଜୀବନ ବଞ୍ଚିବାର କଳାଟିର ପ୍ରତିନିଧିତ୍ୱ କରିଥାଏ । ତେଣୁ, ଶିକ୍ଷକ ଏବଂ ଶିକ୍ଷାର୍ଥୀ ଉଭୟଙ୍କୁ ଏଥିରେ ଶିକ୍ଷାଦେବ ଏବଂ ଶିକ୍ଷା ଗ୍ରହଣ କରିବାର ପ୍ରକ୍ରିୟାଟି ମଧ୍ୟରେ ହିଁ ଅର୍ଥ ଉପାର୍ଜନ କରିବାକୁ ପଡିଥାଏ । ଆରମ୍ଭରୁ ହିଁ ଏହା ଜୀବନକୁ ସମ୍ପଦଯୁକ୍ତ କରାଏ । ଜାତିକୁ କର୍ମସଂସ୍ଥାନ ଲାଗି ଏଣେ ତେଣେ ଦଉଡି ବୁଲିବାକୁ ବଞ୍ଚାଇ ରଖେ ।

ଶିକ୍ଷାର ଆମ ପଦ୍ଧତିଟି ମନ, ଶରୀର ଏବଂ ଆତ୍ମା ତିନୋଟିଯାକର ବିକାଶ ସାଧନ କରିଥାଏ, ପ୍ରଚଳିତ ପଦ୍ଧତିଟି କେବଳ ମନର ହିଁ ଯତ୍ନ ନେଇଥାଏ । ଏହାକୁ ସାଧାରଣ ତଥା ଯଥାର୍ଥ ଭାବରେ ଉଦ୍ୟୋଗ ମାଧ୍ୟମରେ ଶିକ୍ଷା ବୋଲି କୁହାଯାଇଛି । ଏହା ହେଉଛି ସତ୍ୟର କେବଳ ଗୋଟିଏ ଅଂଶ ମାତ୍ର । ଏହି ନୂତନ ଶିକ୍ଷାପ୍ରଣାଳୀର ଚେର ଆହୁରି ଅଧିକ ଗଭୀରକୁ ଭେଦକରି ହରିଛି । ବ୍ୟକ୍ତିଗତ ତଥା ସାମୂହିକ ଉଭୟ ଜୀବନର କ୍ଷେତ୍ରରେ, ମନୁଷ୍ୟ ଜୀବନର ବହୁବିଧ ଯାବତୀୟ କ୍ରିୟାଶୀଳତାର ସତ୍ୟ ଓ ପ୍ରେମର ପ୍ରୟୋଗ ଉପରେ ଏହି ଶିକ୍ଷା ଆଧାରିତ ହୋଇ ରହିଛି । ଜୀବନର ବିଭିନ୍ନ କ୍ଷେତ୍ରରେ ଭେଦକରି ରହିଥିବା ସତ୍ୟ ଓ ପ୍ରେମର ଭାବନାରୁ ହିଁ ହସ୍ତୋଦ୍ୟୋଗଗୁଡିକର ମାଧ୍ୟମରେ ଶିକ୍ଷାଦେବାର ଧାରଣାଟି ଉଦ୍ଭିତ ହୋଇ ଆସିଛି । ପ୍ରେମ ଆବଶ୍ୟକ କରିଥାଏ ଯେ ଯଥାର୍ଥ ଶିକ୍ଷା ସହଜରେ ହିଁ ସମସ୍ତଙ୍କ ପାଖରେ ଯାଇ ପହଞ୍ଚି ପାରିବା ଉଚିତ ଏବଂ ତାହା ପ୍ରତ୍ୟେକ ଗ୍ରାମବାସୀର ତା'ର ଦୈନନ୍ଦିନ ଜୀବନରେ କୌଣସି ନା କୌଣସି କାମରେ ମଧ୍ୟ ଆସିବା ଉଚିତ । ଏହିଭଳି ଏକ ଶିକ୍ଷା ପୁସ୍ତକମାନଙ୍କରୁ କଦାପି ଆସେନାହିଁ ବା ପୁସ୍ତକଗୁଡ଼ିକ ଉପରେ ନିର୍ଭର ମଧ୍ୟ କରେନାହିଁ । ସାମ୍ପ୍ରଦାୟିକ ଭାବନା ରଖିଥିବା ଧର୍ମ ସହିତ ଏହାର କୌଣସି ସମ୍ବନ୍ଧ ନାହିଁ । ଯଦି ଏହି ଶିକ୍ଷାକୁ ଧର୍ମ ଉପରେ ଆଧାରିତ ହୋଇ ରହିଥିବା ଏକ ଶିକ୍ଷା ବୋଲି କୁହାଯାଏ, ତେବେ ତାହା ହେଉଛି ସେହି ବିଶ୍ୱଜନୀନ ଧର୍ମ, ଯେଉଁଥିରୁ କି ସମ୍ପ୍ରଦାୟିକ ଯାବତୀୟ ଧର୍ମର ଉଦଭବ ହୋଇଛି । ତେଣୁ, ଜୀବନରୂପି ମହାଗ୍ରନ୍ଥରୁ ହିଁ ତାହାକୁ ଶିକ୍ଷା କରାଯାଏ, ଯାହା ପାଇଁ କି କୌଣସି ପଇସା ଖର୍ଚ୍ଚ କରିବାକୁ ପଡେ ନାହିଁ କିମ୍ବା ଏହି ପୃଥିବୀର କୌଣସି ଶକ୍ତିକୁ ପ୍ରୟୋଗ କରି ଯାହାକୁ ଜଣେ ମନୁଷ୍ୟ ପାଖକୁ ଛଡାଇ ନେଇ ହୁଏ ନାହିଁ ।

# ବହୁ ଗୁଣକାରୀ ଦୁବ



**ଦୁବ** ଏକ ପ୍ରକାର ଘାସ ହେଲେବି, ଆମ ପରମ୍ପରା ସହ ଜଡିତ । ସମସ୍ତ ମାଙ୍ଗଳିକ କାର୍ଯ୍ୟ ତଥା ବିବାହ ବ୍ରତ ପୂଜା ଅର୍ଚ୍ଚନାରେ ଦରକାର ପଡେ । ପୌରାଣିକ ମତରେ ଭଗବାନ ବିଷ୍ଣୁ ଦୁବ ମଧ୍ୟରେ ଥାନ୍ତି ବୋଲି ବିଶ୍ୱାସ ରହିଛି । ତେବେ ଜାଣନ୍ତି କି, ଦୁବର ରୋଗ ଉପଶମକାରୀ ଶକ୍ତି ଢ଼େର ବେଶି । ବିଶେଷତଃ ମହିଳାମାନଙ୍କ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ।

ଗର୍ଭନିରୋଧ: ଦୁବ ରସ ସହିତ ଦହି ମିଶାଇ ଦୈନିକ କିଛି ଦିନ ସେବନ କଲେ ଗର୍ଭଧାରଣ ପ୍ରତିରୋଧ କରିହୁଏ ।

**ପାଇରିଆ:** ଦୈନିକ ଦୁବ ରସ ସେବନ କରିବା ସହିତ କୁଳି କଲେ ଦାନ୍ତ ମୂଳରୁ ରକ୍ତ ପଡିବା ବନ୍ଦ ହେବା ସହ ଦୁର୍ଗନ୍ଧ ବାହାରିବା ବନ୍ଦ ହୁଏ ।

ପିଲାଙ୍କ ତରଳ ଝାଡା: ଦୁବ ରସରେ ମହୁ ମିଶାଇ ପିଇବାକୁ ଦେଲେ ଏହି ରୋଗ ଭଲ ହୁଏ ।

**ଚର୍ମ ରୋଗ:** ଦୁବ ରସ ସହିତ ରାଶି ତେଲ ମିଶାଇ ତାକୁ ସିଦ୍ଧ କରି କିମ୍ବା ନଡ଼ିଆ ତେଲ ମିଶାଇ ଦେହରେ ଲଗାଇଲେ କାଛୁ କୁଣ୍ଡିଆରୁ ଶରୀର ମୁକ୍ତ ହୋଇଥାଏ ।

## ତ୍ୱଚା ପାଇଁ ବରଦାନ ନଡିଆ ତେଲ

**ସ**ବୁଠୁ ସହଜ ଏବଂ ସୁଲଭ ଦରରେ ମିଳୁଥିବା ନଡ଼ିଆ ତେଲରେ ଭରି ରହିଛି ଅନେକ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଉପାଦାନ ।

ନଡିଆ ତେଲ ତ୍ୱଚାକୁ ପ୍ରାକୃତିକ ଉପାୟରେ ମଶ୍ଚରାଇଜ୍ କରି ରଖିବାରେ ସାହାଯ୍ୟ କରେ । ଏହାକୁ ବ୍ୟବହାର କଲେ ସ୍କିନ୍ ଗ୍ଲୋ କରେ । ପ୍ରତିଦିନ ମୁହଁ ଏବଂ ଦେହରେ ଅଳ୍ପ ନଡ଼ିଆ ତେଲ ମସାଜ କଲେ ସ୍କିନ୍ ସଫ୍ଟ ସ୍ମୁଥ୍ ରହିବା ସହ ସ୍କିନଟୋନ୍ ବି ଲାଇଟ୍ ହୋଇଥାଏ ।

ଏହା ତ୍ୱଚାକୁ ପ୍ରଦୂଷଣରୁ ରକ୍ଷା କରେ । ବିଭିନ୍ନ ପ୍ରକାରର ସ୍କିନ୍ ସମସ୍ୟା ଡ୍ରାଏନେସ୍, କୁଣ୍ଡେଇ ହେବା, ଲାଲ ପଡ଼ିବା, ଫଳିଯିବା, ଫାଟିଯିବା ଆଦି ଦୂର କରିବାରେ ଏହା ବେଶ୍ ସାହାଯ୍ୟ କରେ ।

ସାମାନ୍ୟ ଉଷୁମ ନଡ଼ିଆ ତେଲକୁ ଅଙ୍ଗୁଳି ଟିପ ସାହାଯ୍ୟରେ କେଶ ମୂଳରେ ଲଗାଇ ଭଲ ଭାବେ ମସାଜ କଲେ ଉକ୍ତ ସ୍ଥାନରେ ରକ୍ତ ସଞ୍ଚାଳନ ଭଲ ହେବା ସହ ନଡ଼ିଆ ତେଲରେ ଥିବା ଉପକାରୀ ଗୁଣ କେଶକୁ



ମଜଭୁତ କଳା ଏବଂ ଘନ ରଖିବାରେ ବେଶ୍ ସାହାଯ୍ୟ କରିଥାଏ ।

ଯଦି ତ୍ୱଚାରେ ବ୍ଲାକ୍ କିମ୍ବା ହ୍ୱାଇଟ୍ କିମ୍ବା ବ୍ଲାକ୍ ହେଡ୍ ସମସ୍ୟା ରହିଛି ଏବଂ ସ୍କ୍ରବିଂ ପାଇଁ ମାର୍କେଟରୁ ବିଭିନ୍ନ ସ୍କ୍ରବର ଆଣିବାକୁ ପଡୁଛି, ତେବେ ଆପଣ ଜାଣିଲେ ଖୁସି ହେବେ ଯେ ନଡିଆ ତେଲରେ ଅଳ୍ପ ଚିନି ମିଶାଇ ସ୍କ୍ରବ୍ କଲେ ଅଧିକ ଉପକୃତ ହେବେ । ଏହା ନା କେବଳ ଆପଣଙ୍କ ଉକ୍ତ ସମସ୍ୟା ଦୂର କରିବ ବରଂ ତ୍ୱଚାରେ ଉଜ୍ଜ୍ୱଳତା ମଧ ବଢ଼ାଇବ ।

ମେକ୍ଅପ୍ ନେବା ଅଧିକାଂଶ ମହିଳାଙ୍କୁ ପସନ୍ଦ, ହେଲେ ଏହାକୁ ଠିକ୍ ଭାବେ ଛଡ଼ାଇବା ଏତେ ସହଜ ନୁହେଁ । କାରଣ ଭଲ ଭାବେ ଏସବୁ ପ୍ରଡକ୍ଟ ମୁହଁରୁ ନ ଛାଡିଲେ । ପରବର୍ତ୍ତୀ ସମୟରେ ବ୍ରଣ, ଦାଗ ଆଦି ସମସ୍ୟା ସୃଷ୍ଟି କରିଥାଏ । ତେଣୁ ଏଥିପାଇଁ ମାର୍କେଟରେ ମିଳୁଥିବା ବିଭିନ୍ନ ମେକ୍ଅପ୍ ରିମୁଭର ପରିବର୍ତ୍ତେ ନଡିଆ ତେଲକୁ ବ୍ୟବହାର କରିପାରିବେ । ମୁହଁରେ ନଡିଆ ତେଲ ଲଗାଇ ଧୀରେ ଧୀରେ ଘଷି ତୁଳାରେ ପୋଛିଦେଲେ ମେକ୍ଅପ୍ ସହଜରେ ଛାଡିଯିବ ଏବଂ ସ୍କିନ୍ ଭଲ ରହିବ ।

## କରୋନାରେ ଲାଭଦାୟକ ପଣସ

**ବ**ର୍ତ୍ତମାନ କରୋନାରୁ ରକ୍ଷା ପାଇବା ପାଇଁ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ଦିଗରେ ସମସ୍ତେ ଯତ୍ନବାନ ହେଉଛନ୍ତି । ଏହି କ୍ଷେତ୍ରରେ ପଣସ ବେଶ୍ ଲାଭଦାୟକ ହୋଇଥାଏ । ପଣସରେ ଥିବା ଭିଟାମିନ୍ ଏ, ସି ଓ ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ପରିମାଣରେ ରହିଛି, ଯାହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ଦିଗରେ ବେଶ୍ ସହାୟକ । ପାଚିଲା ପଣସରେ ପ୍ରୋଟିନର ମାତ୍ରା ଅଧିକ ଥାଏ । ଏହା ବ୍ୟତୀତ ଏଥିରେ ଭିଟାମିନ୍ ଏ, ସି, ଥାଇମିନ୍, ପୋଟାସିୟମ୍, କ୍ୟାଲସିୟମ୍, ରାଇବୋଫ୍ଲେ।ବିନ୍, ଆଇରନ୍, ନିୟାସିନ୍, ଫାଇବର ଓ ଜିଙ୍କ୍ ରହିଥାଏ । ଏସବୁ ତତ୍ତ୍ୱ ପାଚନ କ୍ରିୟାକୁ ସହଜ କରିବା ସହିତ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ



ସାହାଯ୍ୟ କରେ ।

ହଜମ ପ୍ରକ୍ରିୟାରେ ବେଶ୍ ସହାୟକ ହେଉଥିବା ପଣସ ଅଲସର ଓ କୋଷ୍ଠକାଠିନ୍ୟ ମଧ ଦୂର କରେ ।

ପଣସରେ ଥିବା ପୋଟାସିୟମ ଅଷ୍ଟିଓପୋରୋସିସ୍ ରୋଗକୁ ଦୂର କରିବାରେ ସାହାଯ୍ୟ କରିଥାଏ । ପଣସକୁ ସିଝାଇ ତା'ର ପାଣି ପିଇବା ଦ୍ୱାରା ପେଟ ସଫା ରହିବା ସହିତ ପାଚନ ତନ୍ତ୍ର ମଜବୁତ ହୁଏ । କାରଣ ଏଥିରେ ଭରପୁର ମାତ୍ରାରେ ଫାଇବର ଥାଏ ।

ପଣସରେ ଥିବା ମାଗ୍ନେସିୟମ ରକ୍ତଚାପକୁ ନିୟନ୍ତ୍ରିତ କରେ । ତେଣୁ ପଣସ ଖାଇବା ଦ୍ୱାରା ହୃଦରୋଗ କମ୍ ହେବା ଆଶଙ୍କା ଥାଏ । ତେଣୁ ଡାକ୍ତରମାନେ ମଧ ପଣସ ଖାଇବାକୁ ପରାମର୍ଶ ଦେଇଥାନ୍ତି ।

ଭୂତାଣୁଜନିତ ସଂକ୍ରମଣକୁ ଦୂରେଇ ଦେବାରେ ସାହାଯ୍ୟ କରିଥାଏ ପଣସ ।

## ହିତକାରୀ ପରିବା ବିଟ୍

**ମା**ଙ୍ଗାନିଜ୍, ଭିଟାମିନ୍ ସି, ଲୌହ, ଫୋଲେଟ୍ ଓ ଫାଇବର ତତ୍ତ୍ୱ ଭରପୁର ବିଟ୍ ପରିବା ସମସ୍ତ ବୟସ ଓ ବର୍ଗର ଲୋକ ଖାଇବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ହିତକାରୀ । ବିଟ୍‌କୁ କଞ୍ଚା ଓ ତରକାରୀରେ ଉଭୟରେ ଉପଯୋଗ କରି ଖାଇହେବ । ନିୟମିତ ଭାବେ ଏଇ ପରିବାକୁ ନିଜ ଡାଏଟ୍ ଚାର୍ଟରେ ସାମିଲ କଲେ ଏକ ସୁସ୍ଥ ଜୀବନ ଅତିବାହିତ କରି ହୋଇଥାଏ ବୋଲି ବିଶେଷଜ୍ଞଙ୍କ ମତ । ଆପଣ ଚାହିଁଲେ ସାଲାଡରେ ବିଟର ପ୍ରୟୋଗ କରି ପାରିବେ, ପରିବା ରସ ଭାବେ ଦୈନିକ ଜଳଖିଆରେ ପିଇ ପାରିବେ ନଚେତ୍ ଦ୍ୱିପହର ଭୋଜନରେ ପଲଉରେ ବିଟର ବ୍ୟବହାର କରି ପାରିବେ । ନାଇଟ୍ରେଟ ପୋଷକତତ୍ତ୍ୱ ଭରପୂର ବିଟ୍ ପ୍ରତ୍ୟହ ଖାଇଲେ ହୃଦରୋଗ ହେବାର ଆଶଙ୍କା କମ୍ ବୋଲି ଅନୁସନ୍ଧାନରୁ ଜଣାପଡିଛି ।

ମଧୁମେହ ରୋଗୀଙ୍କ ନିମନ୍ତେ ବିଟ୍ ଏକ ଔଷଧ ପରି କାମ କରେ । କମ୍ କ୍ୟାଲୋରୀଯୁକ୍ତ ଏଇ ପରିବା ଖାଇଲେ ଓଜନ ମଧ ନିୟନ୍ତ୍ରଣରେ ରହେ ।

ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଏହା ଆମ ମସ୍ତିଷ୍କକୁ ମଧ



ଉତ୍ତମ ଭାବେ କାର୍ଯ୍ୟକ୍ଷମ କରାଇଥାଏ । ପିଲାମାନଙ୍କୁ ବିଟ୍ ସିଝା ଖାଇବାକୁ ଦେଲେ ସେମାନଙ୍କ ଶରୀରର ଭଲ ବିକାଶ ହେଉଥିବାର ବିଶେଷଜ୍ଞଙ୍କ ମତ । ଭିଟାମିନ୍ ସି' ଭରପୁର ବିଟ୍ ଖାଇଲେ କର୍କଟ ରୋଗ ହେବାର ଆଶଙ୍କା କମ୍ ହୋଇଥାଏ ବୋଲି ଅନୁଧାନରୁ ଜଣାପଡିଛି ।

## ଅଧିକ ପାଣି ପିଇବା ହୋଇପାରେ ହାନିକାରକ

**ସା**ଧାରଣତଃ ସମସ୍ତଙ୍କୁ ଅଧିକରୁ ଅଧିକ ପାଣି ପିଇବାକୁ ପରାମର୍ଶ ଦିଆଯାଏ । କିନ୍ତୁ ବେଳେବେଳେ ଅଧିକ ପାଣି ପିଇବା ମଧ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ । ବାସ୍ତବରେ ପ୍ରତ୍ୟେକ ଖାଦ୍ୟ ଓ ପାନୀୟର ଏକ ସୀମା ଅଛି ଏବଂ ସେଥିରେ ପାଣି ମଧ ଅନ୍ତର୍ଭୁକ୍ତ । ନିର୍ଦ୍ଦିଷ୍ଟ ପରିମାଣର ପାଣିଠାରୁ ଅଧିକ ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । କାରଣ ଜଳର ମଧ ପାର୍ଶ୍ୱ ପ୍ରତିକ୍ରିୟା ରହିଛି । କରୋନା ଭାଇରସ୍ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ଡାକ୍ତରମାନେ ଡିହାଇଡ୍ରେସନ ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଉଛନ୍ତି । କିନ୍ତୁ ଅତ୍ୟଧିକ ପାଣି ପିଇବା ବେଳେବେଳେ ମୃତ୍ୟୁର କାରଣ ମଧ ହୋଇପାରେ । ଏହାକୁ ୱାଟର ଇନଟକ୍ସିକେସନ କିମ୍ବା ୱାଟର ପଏଜନିଂ କୁହାଯାଏ ।

କେତେ ପାଣି ପିଇଲେ ଜଣକର ମୃତ୍ୟୁ ହୋଇଯିବ କିମ୍ବା ସେ ଗୁରୁତର ହୋଇ ହସ୍ପିଟାଲ ଯିବେ ଏ ପର୍ଯ୍ୟନ୍ତ ସେ ବିଷୟରେ କୌଣସି ସଠିକ୍ ତଥ୍ୟ ମିଳିନାହିଁ । ତଥାପି କୁହାଯାଉଛି ଯେ ପ୍ରତି ଘଣ୍ଟାରେ ଏକ ଲିଟର କିମ୍ବା ଅଧିକ ପାଣି ପିଇବା ବିପଦଜନକ । କାରଣ ଜଳର ଏକ ଅତ୍ୟଧିକ ମାତ୍ରା ଶରୀରରେ ରକ୍ତ ଅମ୍ଳଜାନ ସ୍ତରକୁ ନଷ୍ଟ କରିଥାଏ । ସୂଚନାନୁଯାୟୀ କିଛି ବର୍ଷ ପୂର୍ବେ କାଲିଫର୍ଣ୍ଣିଆରେ ଜଣେ ୨୮ ବର୍ଷର ସୁସ୍ଥ ଝିଅ ଜେନିଫର ପାନୀୟ ଜଳ ପ୍ରତିଯୋଗିତାରେ ଭାଗ ନେବାକୁ ଯାଇଥିଲେ । ଏହି କାର୍ଯ୍ୟକ୍ରମରେ ସେ ତିନି ଘଣ୍ଟା ମଧରେ ୬ ଲିଟର ପାଣି



ପିଇଥିବାରୁ ତାଙ୍କର ମୃତ୍ୟୁ ହୋଇଥିଲା । ଅତ୍ୟଧିକ ପାଣି ପିଇବାର ଲକ୍ଷଣ ହେଉଛି ଶରୀରରେ ସୋଡିୟମର ଅଭାବ । ସୋଡିୟମର ଅଭାବ ହେଲେ ରୋଗୀ ମୁଣ୍ଡବ୍ୟଥା, ଥକାପଣ, ବାନ୍ତି, ବାରମ୍ବାର ପରିସ୍ରା ଲାଗିବା ଭଳି ଲକ୍ଷଣ ଅନୁଭବ କରିଥାନ୍ତି । କେବଳ ଏତିକି ନୁହେଁ, ଅତ୍ୟଧିକ ଥକାପଣ ଅନୁଭବ ହୁଏ । ଯଦି ତୁରନ୍ତ ସୋଡିୟମ ପରୀକ୍ଷା ନ କରାଯାଏ ତେବେ ରୋଗୀ ସ୍ମୃତି ଶକ୍ତି ହ୍ରାସ କିମ୍ବା ମସ୍ତିଷ୍କ ସମ୍ବନ୍ଧୀୟ ରୋଗରେ ମଧ ପୀଡିତ ହୋଇପାରନ୍ତି । ତେଣୁ ସମସ୍ତଙ୍କୁ ନିଜ ଶରୀର, ବୟସ, କାର୍ଯ୍ୟ ଏବଂ ଋତୁର ଆବଶ୍ୟକତା ଅନୁଯାୟୀ ପାଣି ପିଇବାକୁ ପରାମର୍ଶ ଦିଆଯାଇଛି ।

## ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ପଇଡ଼

**ଅ**ଳ୍ପ ସମୟ କାମ କରି ଥକା ଅନୁଭବ କରୁଥିବା ଲୋକଙ୍କ ପାଇଁ ପଇଡ଼ ପାଣି ପିଇବା ବେଶ୍ ଲାଭଦାୟକ ହୋଇଥାଏ । ବିଶେଷଜ୍ଞମାନଙ୍କର କହିବା ଅନୁଯାୟୀ, ପଇଡ଼ ପାଣିରେ ଅନେକ ଚମତ୍କାର ଗୁଣ ରହିଛି । ଅତ୍ୟଧିକ ଖରା ସମୟରେ ଏହା ଶରୀରକୁ ତୁରନ୍ତ ଶକ୍ତି ପ୍ରଦାନ କରିଥାଏ ।



ଗର୍ଭବତୀ ମହିଳାଙ୍କୁ ପଇଡ଼ପାଣି ପିଇବା ପାଇଁ କୁହାଯାଇଥାଏ । କାରଣ ପଇଡ଼ପାଣି ପିଇବା ଦ୍ୱାରା କୋଷ୍ଠ କାଠିନ୍ୟ ସମସ୍ୟା ଦେଖାଯାଏ ନାହିଁ । ପଇଡ଼ ପାଣିରେ ଭିଟାମିନ୍ ସି, ଫାଇବର, ମିନେରାଲ୍ସ ଅଧିକମାତ୍ରାରେ ଥାଏ । କେବଳ ସେତିକି ନୁହେଁ, ଏହା ତ୍ୱଚା ପାଇଁ ବେଶ୍ ଲାଭଦାୟକ ହୋଇଥାଏ । କିଡ଼ନୀ ରୋଗକୁ ମଧ ଦୂରେଇ ଦେବାରେ ସହାୟକ ହୋଇଥାଏ । ପଇଡ଼ ପାଣିରେ ଥିବା ଲୋରିକ୍ ଏସିଡ୍ ଇମ୍ୟୁନିଟି, ମେଟାବଲିଜିମକୁ ବଢ଼ାଇବାରେ ସାହାଯ୍ୟ କରେ ।

ପଇଡ଼ ପାଣି ପିଇବା ଅବସାଦଗ୍ରସ୍ତ ରୋଗୀଙ୍କ ପାଇଁ ବେଶ୍ ଭଲ ହୋଇଥାଏ । କାରଣ ଏହା ମନକୁ ଶାନ୍ତି ପ୍ରଦାନ କରିଥାଏ ।

ଯେଉଁମାନେ ଅଧିକ ଖାଉଛନ୍ତି ସେମାନେ ଖାଇବା ପୂର୍ବରୁ ପଇଡ଼ପାଣି ପିଇବା ଭଲ । ଏହାଦ୍ୱାରା ପେଟ ପୂର୍ଣ୍ଣ ହୋଇ ରହିବ । ଅଧିକ ଖାଇବାରୁ ଏହା ରୋକିବ ।

ଶିଶୁମାନଙ୍କୁ ପଇଡ଼ପାଣି ହାଇଡ୍ରେଟ କରି ରଖିଥାଏ । ବର୍ଷେପରେ ଶିଶୁଙ୍କ ପଇଡ଼ପାଣି ଦିଆଯାଇ ପାରିବ, କିନ୍ତୁ ଡାକ୍ତରଙ୍କ ପରାମର୍ଶ ନେଇ ଶିଶୁଙ୍କୁ ପଇଡ଼ପାଣି ଦେବା ଜରୁରୀ ।

## ରୋଗ ପ୍ରତିରୋଧ ଶକ୍ତି ବଢ଼ାଏ ସାରୁ



**ସା**ରୁ ଖାଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ଡାଏଟିସିଆନଙ୍କ ମତରେ ସାରୁରେ ଥିବା ପୋଷକ ତତ୍ତ୍ୱ ଇମ୍ୟୁନୋ ସିଷ୍ଟମକୁ ଅଧିକ ମଜଭୁତ କରିଥାଏ । ଏଥିରେ ଗ୍ଲାଇକୋସାଇଡସ ନାମକ ଏକ ପ୍ରକାର ତତ୍ତ୍ୱ ରହିଛି । ଯାହା ଇମ୍ୟୁନିଟି ବଢ଼ାଇବାରେ ସାହାଯ୍ୟ କରେ । ସାରୁରେ କ୍ୟାଲସିୟମ, ପୋଟାସିୟମ, ଫାଇବର, ଭିଟାମିନ-ଇ, କାର୍ବୋହାଇଡ୍ରେଟ, ମ୍ୟାଗ୍ନେସିୟମ, ଭିଟାମିନ୍-ଏ ଓ ଭିଟାମିନ୍-ସି ଭଳି ତତ୍ତ୍ୱ ରହିଛି । ଏଥିରେ ଫାଇବର ମାତ୍ରା ଅଧିକ ଥିବାରୁ ବିଳମ୍ବରେ ହଜମ ହୋଇଥାଏ । ତେଣୁ ବିଳମ୍ବରେ ଭୋକ ହୋଇଥାଏ । ଏଥିରେ ଆଣ୍ଟି ଇନଫ୍ଲାମେଟୋରି ଗୁଣ ମଧ ରହିଛି । ତେଣୁ ସାରୁ ଏବଂ ଏହାର ପତ୍ରକୁ ବିଭିନ୍ନ ପ୍ରକାରରେ ବ୍ୟବହାର କରି ଅନେକ ସମସ୍ୟାରୁ ମୁକ୍ତି ମିଳି ପାରିବ । ମାତ୍ର ଖାଦ୍ୟରେ ଏହାର ଅତ୍ୟଧିକ ବ୍ୟବହାର ଶରୀର ପାଇଁ କ୍ଷତିକାରକ ହୋଇପାରେ ।

# ରାମକଥା

ଶ୍ରୀରାମ କହିଲେ 'ମୋର ଇଷ୍ଟଦେବ ଶିବଙ୍କୁ ଯିଏ ପୂଜା କରିବ, ଭଗବାନ ଶଙ୍କରଙ୍କୁ ଯିଏ ଗଙ୍ଗାଜଳରେ ଅଭିଷେକ କରିବ ସେ ମୋ କୃପା ଲାଭ କରି ବ୍ରହ୍ମହତ୍ୟା ପାପରୁ ମୁକ୍ତ ହୋଇଯିବ । ମୁକ୍ତି ଶିବ ହିଁ ଦେଇଥାଆନ୍ତି ।

ରାମେଶ୍ୱରରେ ଶିବ ରହିଥାନ୍ତି । ଆଉ ଶ୍ରୀରାମ ବି ସେଠାରେ ରହି ଥାଆନ୍ତି । ହରି ହରଙ୍କର ସେ ହେଉଛନ୍ତି ଦିବ୍ୟ ସ୍ୱରୂପ । ପ୍ରଭୁ ଶ୍ରୀରାମ ରାମେଶ୍ୱରଙ୍କର ସ୍ଥାପନା କଲେ ।

ବାନରମାନେ ସେତୁବନ୍ଧ କାର୍ଯ୍ୟରେ ଲାଗିଗଲେ । ସେମାନେ ପଥରରେ ରାମ ନାମ ଲେଖି ତାକୁ ପାଣିରେ ପକାଇବାରେ ଲାଗିଲେ । ରାମ ନାମ ଉପରେ କାଳେ ପାଦ ପଡିଯିବ, ସେଥିପାଇଁ ରାମନାମ ଲେଖିଥିବା ଭାଗକୁ ତଳପଟିଆ ରଖି ପଥରକୁ ପଥର ଖଞ୍ଜିବାରେ ଲାଗିଲେ । ରାମନାମର ପ୍ରଭାବରେ ପଥର ବି ଭାସିବାରେ ଲାଗିଲା । ରାମନାମକୁ କେହି ବୁଡାଇ ଦେଇ ପାରେ କି ? ଶ୍ରୀରାମ ନାମରେ ଜଡ଼ ପଥର ଯଦି ସମୁଦ୍ର ପାରି ହୋଇ ପାରିଲା ମଣିଷ କାହିଁକି ପାରି ହୋଇପାରିବ ନାହିଁ ? ବିଶ୍ୱାସ ରଖି ଶ୍ରଦ୍ଧାର ସହିତ ରାମନାମ ଜପ କଲେ ହେଲା ।

ଯେଉଁ ପଥର ନିଜେ ବୁଡ଼େ ଆଉ ଅନ୍ୟଙ୍କୁ ବି ବୁଡ଼ାଇ ଦିଏ, ଆଜି ସେହି ଜଡ଼ ପଥର ଭାସିବାରେ ଲାଗିଲା ଆଉ ଅନେକଙ୍କୁ ପାରି କରାଇ ଦେଲା । ଏପରି ଗୁଣ ତ ପଥରର କେବେ ନାହିଁ, କି ନ ଥିଲା, କି ସମୁଦ୍ରର ବି ନ ଥିଲା, ବାନରଙ୍କର ନା ଥିଲା କି ନଳ ନୀଳଙ୍କର ହେଲେ ଶ୍ରୀରାମଙ୍କର ଏପରି ପ୍ରଭାବ ନିଶ୍ଚିତ ଥିଲା ଓ ଶ୍ରୀରାମ ନାମର ବି ଅଛି ।

ନଳ ନୀଳ ସମୁଦ୍ର ଉପରେ ସେତୁ ନିର୍ମାଣ କରୁଥିଲେ । ପ୍ରଥମ ଦିନ ଚଉଦ ଯୋଜନ ଦୀର୍ଘ ପର୍ଯ୍ୟନ୍ତ ପୋଲ ନିର୍ମାଣ କରିଦେଲେ । ଦ୍ୱିତୀୟ ଦିନ କୋଡିଏ ଓ ତୃତୀୟ ଦିନ ଏକୋଇଶ ଯୋଜନ, ଚତୁର୍ଥ ଦିନ ବାଇଶ ଯୋଜନ ଆଉ ପଞ୍ଚମ ଦିନ ତେଇଶ ଯୋଜନ ସେତୁ ନିର୍ମାଣ କଲେ । ପାଞ୍ଚ ଦିନରେ ସେତୁବନ୍ଧ ହୋଇଗଲା । ଶହେ ଯୋଜନର ବିଶାଳ ସେତୁ ସମୁଦ୍ର ଉପରେ ହୋଇଗଲା । ବାନରଗଣ ସେତୁ ଉପରେ ସମୁଦ୍ର ପାରି ହୋଇ ଲଙ୍କାର ସୁବେଳ ପର୍ବତରେ ପହଞ୍ଚିଗଲେ । ସୁବେଳ ପର୍ବତରେ ଶ୍ରୀରାମ ତାଙ୍କର ଘାଟି କଲେ ।

ଲଙ୍କାର ରାଜମହଲ ଉପରେ ଆକାଶରେ ସିଂହାସନ ପକାଇ ରାବଣ ବାନର ସେନାଙ୍କୁ ନିରୀକ୍ଷଣ କରୁଥିଲା । ବାନର ସେନା ଥିଲେ ଭୟଙ୍କର । ରାବଣର ଜଣେ ଅତି ସ୍ୱତନ୍ତ୍ର ମନ୍ତ୍ରୀ ଥିଲା । ସେ ବାନରସେନାଙ୍କ ପ୍ରତ୍ୟେକ ମହାରଥୀଙ୍କୁ ରାବଣ ସହିତ ପରିଚୟ କରାଇ ଦେଉଥିଲା । ଓ ପରାକ୍ରମ ବର୍ଣ୍ଣନା କରୁଥିଲା । ଏପରି ସମୟରେ ଶ୍ରୀରାମଚନ୍ଦ୍ରଙ୍କୁ ବିଭୀଷଣ କହିଲେ, 'ରାବଣ ଆମକୁ ନିରୀକ୍ଷଣ କରୁଛି ।'

ଶ୍ରୀରାମ ଗୋଟିଏ ଛୋଟିଆ କାଣ୍ଡ ସେହି ସୁବେଳ ପର୍ବତରୁ ଛାଡିଦେଲେ । ସେହି ବାଣ ରାବଣର ଦଶ ମସ୍ତକରେ ଥିବା ସମସ୍ତ ମୁକୁଟ ସହିତ ସିଂହାସନର ସୁବର୍ଣ୍ଣ ଛତ୍ରିକୁ କାଟି ତଳେ ପକାଇ ତୁଣୀରକୁ ଫେରି ଆସିଲା । ରାବଣ ଅପଶକୁନ ହେଲା ବୋଲି ଜାଣିଲା । ତାକୁ ଖୁବ୍ ଲାଜ ଲାଗିଲା, ଆଉ ସେ ତଳମୁହାଁ ହୋଇ ଘର ଭିତରକୁ ପଳାଇ ଗଲା ।




ମାଲ୍ୟବାନ ହେଉଛି ରାବଣର ଅଜା । ରାବଣର ମାତାର ସେ ପିତା ଭଳି । ସେ ରାବଣକୁ ହିତ କଥା କହି ବୁଝାଇବାରେ ଲାଗିଲା- 'ମୋ କଥା ଶୁଣ । ସୀତା ଯେଉଁଦିନ ଠାରୁ ଲଙ୍କାକୁ ଆସିଲେଣି ସେହି ଦିନଠାରୁ ଲଙ୍କାରେ ଅପଶକୁନ ଦେଖାଯିବାରେ ଲାଗିଛି । କିଛି ବୁଝି ହେଉନାହିଁ । ମନେହେଉଛି ସତେ ଯେପରି ଲଙ୍କାକୁ ଧ୍ୱଂସ କରିବା ପାଇଁ ସୀତା ଆସିଛନ୍ତି । ରାକ୍ଷସଙ୍କର ଏବେ କ'ଣ ତାହାହେଲେ ବିନାଶ ହୋଇଯିବ ? ଏବେ ବି ସମୟ ଅଛି । ଏବେ କେବଳ ମୁକୁଟ ତଳେ ପଡିଛି । ହାତରେ ସମୟ ଥିବାବସ୍ଥାରେ ବ୍ୟବସ୍ଥା କରିବା ଉଚିତ ।

ଶ୍ରୀରାମ ସାଧାରଣ ମଣିଷ ନୁହନ୍ତି । ସେ ପରମାତ୍ମା । ସୀତା ହେଉଛନ୍ତି ଜଗତମାତା । ତୁମେ ବୈରଭାବ ପରିହାର କର । ରାବଣ ! ତୁମେ ସଂସାରର ସକଳ ପ୍ରକାର ଭୋଗ ପର୍ଯ୍ୟାପ୍ତ ଭୋଗାଭୋଗ କରି ସାରିଛ ? ତୁମେ କେଉଁଠାରେ ଶାନ୍ତି ପାଇଛ କି ? ସାଂସାରିକ ସୁଖ ତ ପଶୁପକ୍ଷୀମାନେ ବି ପାଆନ୍ତି । ଶରୀର ଆଉ ଇନ୍ଦ୍ରିୟଙ୍କ ଠାରୁ ପୃଥକ ହେଉଛି ଆତ୍ମା । ଏବେ ଭଜନାନନ୍ଦ ଆତ୍ମାନନ୍ଦ ପାଇବା ପାଇଁ ସମସ୍ତ ପରିହାର କରି ବଣକୁ ଯାଅ । ଏପରି କଲେ ତୁମର ମଙ୍ଗଳ ହେବ ।

ମାଲ୍ୟବାନ୍ ରାବଣକୁ ଜ୍ଞାନୋପଦେଶ ଦେଲା । ମାତ୍ର ଏହି ଜୀବ ଏପରି ଯେ ସେ ଯେଉଁଠାରେ ଜନ୍ମ ହୋଇଥାଏ ତାହାକୁ ସେ ସୁଖ ବୋଲି ମନେକରେ । ଏହାକୁ ଛାଡ଼ିବା ପାଇଁ ସେ ଆଦୌ ଚାହେଁ ନାହିଁ । ଭାବି ଚିନ୍ତି ମଣିଷ ଧୀରେ ଧୀରେ ତ୍ୟାଗ କରୁଥିଲେ ଭାରି ଭଲ କଥା ହୁଅନ୍ତା । କାଳ ଆସି ଧକ୍କା ମାରେ, ସେତେବେଳେ ସବୁ ପ୍ରକାର ମାୟା ଛାଡିବାକୁ ହୁଏ । ରାବଣ କିନ୍ତୁ କିଛି ହେଲେ ଛାଡିବାକୁ ଭଲ ପାଏ ନାହିଁ ।

ମାଲ୍ୟବାନ ରାବଣକୁ କହିଲା, ରାବଣ ! ତୁମେ ମହର୍ଷି ପୁଲସ୍ତ୍ୟଙ୍କ ବଂଶରେ ଜନ୍ମ ହୋଇଛ । ତପସ୍ୟା କରି ତୁମେ ଶକ୍ତି ପାଇଛ । ଦେବତାଙ୍କ ଉପରେ ବିଜୟ ଲାଭ କରିଛ । ତୁମେ ବହୁତ ସୁଖ ବି ଭୋଗ କଲଣି । ବହୁତ ହୋଇଗଲାଣି । ଏଥର ତୁମେ ଏହା ସବୁ ଛାଡି ବଣକୁ ଯାଅ । ଆଉ ଆଦି ନାରାୟଣଙ୍କୁ ଆରାଧନା କର ।

ଏପରି କଥା ଶୁଣି ରାବଣ କ୍ରୋଧାନ୍ୱିତ ହୋଇ ଉଠିଲା, ଆଉ କହିଲା, ତୁମେ ବହୁତ ବୁଢ଼ା ହୋଇଗଲଣି । ତେଣୁ ତୁମକୁ ମୁଁ ଦଣ୍ଡ ଦେଇପାରୁ ନାହିଁ । ମୋତେ ବୁଝାଇବାକୁ କ'ଣ ଆସିଛ, ପଳା ଏଠାରୁ । ମୋତେ ତୁମେ ମୁହଁ ଦେଖାଅନାହିଁ । ରାବଣ ବୁଢ଼ାଙ୍କୁ ଅପମାନ ଦେଲା କହିଲା, ତପସ୍ୱୀର ପ୍ରଶଂସା ମୋ ଆଗରେ କରୁଛ, ତୁମର ଏଡ଼େ ଆସ୍ପର୍ଦ୍ଧା । ମୁଁ ଜଗତକୁ ଜୟ କରିଛି । ମୋତେ ପୁଣି କେହି ମାରିପାରେ ? ମୁଁ ଭାବୁଛି, ତୁମେ ରାମଙ୍କ ପାଖକୁ ଯାଇ ତାଙ୍କ ସହିତ ମିଶିଯାଇଛ, ଆଉ ସେହି ବନଚାରୀର କଥାରେ ମୋତେ ବୁଝାଇବାକୁ ଆସିଛ । ନର ଆଉ ବାନର ଏମାନେ ରାକ୍ଷସଙ୍କ ଠାରୁ ହୀନ, ନିର୍ବଳୁଆ । ଏମାନେ କ'ଣ କରିପାରିବେ ?

ମାଲ୍ୟବନ୍ତ ବୁଝିଗଲା । ମୃତ୍ୟୁର ଛାୟା ଆସିଗଲେ ବୁଦ୍ଧି ବିପରୀତ ହୋଇଯାଏ । ରାବଣ କାହା କଥା ଶୁଣୁନାହିଁ । ଯେଉଁ ମଣିଷ ଦୁରାଗ୍ରହୀ ହୋଇଥାଏ । ପରିଣାମରେ ସେ ଅତି ଦୁଃଖୀ ହୋଇଥାଏ । ଦୁଃଖର କାରଣ ଦୁରାଗ୍ରହ । ରାବଣ ତା'ର ଦୁରାଗ୍ରହ ଛାଡୁ ନାହିଁ ।

ରାମାୟଣରେ ଏହାପରେ ଅଙ୍ଗଦ ରାବଣ ପ୍ରସଙ୍ଗ ଅତି ରୋମାଞ୍ଚକର ଭାଷାରେ ବର୍ଣ୍ଣନା କରାଯା ହୋଇଛି । ଅଙ୍ଗଦ ଶାନ୍ତି ସନ୍ଧି ପ୍ରସ୍ତାବ ନେଇ ରାବଣର ଦରବାରକୁ ଯାଇଥିଲା । ସେ ରାବଣକୁ କହିଥିଲା 'ରାବଣ ! ସବୁ ପ୍ରକାର ଚତୁରତା ପରିହାର କରି ଶ୍ରୀରାମଙ୍କର ଶରଣ ପଶ । ଶ୍ରୀରାମଙ୍କର ଯିଏ ବିରୋଧ କରେ ତାକୁ ବ୍ରହ୍ମା ଶିବ ଅନ୍ୟ କୌଣସି ବି ଦେବତା ରକ୍ଷା କରିପାରନ୍ତି ନାହିଁ । ହେଲେ ରାବଣ ତା କଥା ବି ଶୁଣିଲା ନାହିଁ । ରାବଣ ରାକ୍ଷସଙ୍କୁ ଯୁଦ୍ଧ ନିମନ୍ତେ ଆଦେଶ ଦେଇ କହିଲା

'ମର୍କଟହୀନ କରହୁ ମହି ଜାଈ ।
ଜିୟତ ଧରହୁ ତାପସ ଦ୍ୱୌ ଭାଈ ।

ରାକ୍ଷସଗଣ । ଯାଅ । ପୃଥିବୀକୁ ବାନରଶୂନ୍ୟ କରିଦିଅ । ଆଉ ବନଚାରୀ ଦୁଇଭାଇଙ୍କୁ ଜୀଅନ୍ତା ବାନ୍ଧି ଆଣ । ରାକ୍ଷସମାନେ ଯୁଦ୍ଧ ପାଇଁ ବାହାରି ପଡିଲେ । ଭୟଙ୍କର ଯୁଦ୍ଧ ଆରମ୍ଭ ହୋଇଗଲା ।

# ସ୍ୱର୍ବେଦ

**ଝୀନ ଆୟ ଝୀନା ଚଲୋ, ମନ ବ ତ୍ୟାଗ ସଂଯୋଗ ।**
**କ୍ରମସହ ସୂକ୍ଷମ ହୋ ରହୋ, ଅଗ୍ର ଗମନ ଗତି ଯୋଗ । (୧)**


ଭାଷ୍ୟ : ଆତ୍ମା ମୁକ୍ତିରୁ କ୍ରମଶଃ ସୂକ୍ଷ୍ମରୁ ସ୍ଥୁଳ ସ୍ୱରୂପରେ ଆସିଛି । ଯେଉଁ ପ୍ରକାର ସୂକ୍ଷ୍ମରୀତିରୁ ସ୍ଥୁଳ ଶରୀରକୁ ପ୍ରାପ୍ତ ହୋଇଛି ସେହିପରି କ୍ରମଶଃ ସ୍ଥୁଳ ସୂକ୍ଷ୍ମ ହୋଇ ଗୁରୁ ବିଧାନ ଦ୍ୱାରା ସଦଗୁରୁ ପ୍ରଦେଶକୁ ଗମନ କରି ଗତି ସମ୍ବନ୍ଧରେ ପରବ୍ରହ୍ମାକୁ ପ୍ରାପ୍ତ କରିବ । ଏହାକୁ ଯୋଗ କହନ୍ତି । ଆତ୍ମା ପ୍ରଥମ ପ୍ରକୃତିର ସମ୍ବନ୍ଧ ହେବାରୁ ମନକୁ ନେଇ ଇନ୍ଦ୍ରିୟ ଜଗତକୁ ଆସିଯାଏ । ଏଥିପାଇଁ ଗ୍ରନ୍ଥକାର ମନର ସମ୍ବନ୍ଧ ତ୍ୟାଗ କରି ସୂକ୍ଷ୍ମ ହୋଇ କ୍ରମଶଃ ଆଗକୁ ଯିବାକୁ ସାଧକଙ୍କୁ ଉପଦେଶ ଦେଇଛନ୍ତି ।

**ସୂକ୍ଷ୍ମାନ୍ତର ଧସ ଗଗନ ମେଁ, ଅମୃତ ସାଗର ପାଟ ।**
**ଉମଡ଼ ତରଙ୍ଗ ଅପାର ହୈ, ଗଗନ ଦ୍ୱାର ଗମ ଘାଟ । (୨)**

ଭାଷ୍ୟ : ସୂକ୍ଷ୍ମ ଓ ସୂକ୍ଷ୍ମାନ୍ତର ଦୁଇ ପ୍ରକାର ବାହ୍ୟ ଜଗତରେ ପଦାର୍ଥ ରହିଥାଏ, ପରନ୍ତୁ ପରବ୍ରହ୍ମା ଏହି ଦୁଇ ପଦାର୍ଥରୁ ଅତି ସୂକ୍ଷ୍ମ ଅଟେ । ଏଥିପାଇଁ ବ୍ରହ୍ମ ପ୍ରାପ୍ତି ପାଇଁ ସୂକ୍ଷ୍ମାନ୍ତର ପ୍ରବେଶ ହେବାକୁ ଏହି ବାକ୍ୟରେ ଉପଦେଶ ଦିଆଯାଇଛି । ସୂକ୍ଷ୍ମାନ୍ତର ଆକାଶରେ ପ୍ରବେଶ କରି ପ୍ରକାଶ ଦ୍ୱାରକୁ ଯାଇ ସେପଟେ ଓହ୍ଲାଇଲେ ଅମୃତ ସାଗର ମହାଦୃଶ୍ୟ ଓ ଅପାର ତରଙ୍ଗ ଦେଖାଯାଏ । ଏହି ପଦରେ ସଦଗୁରୁ ଦେବ ଆଭ୍ୟନ୍ତର ସାଧନ ଭେଦ ଆନନ୍ଦକୁ ଅନୁଭବ କରିବାର ବର୍ଣ୍ଣନା ସମୁଦ୍ର ତରଙ୍ଗର ଉପମା ଦେଇଛନ୍ତି ।

**ସ୍ଥୁଳ ଶବ୍ଦ କ୍ଷର ବାହର, ସୂକ୍ଷ୍ମ ଅନାହତ ଜାନ ।**
**ତାସେ ସୂକ୍ଷ୍ମ ଅନ୍ତକ୍ଷର ହୈ, କେନ୍ଦ୍ରିକ ଶବ୍ଦନମାନ । (୩)**

ଭାଷ୍ୟ : ତାଲୁ, କଣ୍ଠ, ମୁର୍ଦ୍ଧା ଏବଂ ଓଷ୍ଠ ଦ୍ୱାରା ପ୍ରାଣର ପ୍ରଯନ୍ତ ଭେଦରେ ଯେଉଁ ବାଣୀ ଦ୍ୱାରା ବାହାର ଶବ୍ଦ ଉଚ୍ଚାରଣ ହୁଏ, ସେ ସବୁ ସ୍ଥୁଳ ଶବ୍ଦ ଅଟେ । ସେଥିରୁ ସୂକ୍ଷ୍ମ ଭିତର ବ୍ରହ୍ମାଣ୍ଡରେ ପ୍ରାଣର ଅନେକ ସଂଘର୍ଷରୁ ଶବ୍ଦ ଉଠିଥାଏ ଏବଂ ତାହାକୁ ଅନାହତ କହନ୍ତି । ସେ ବାହାରର




ବେଖରୀରୁ ସୂକ୍ଷ୍ମ ଶବ୍ଦ ଅଟେ ଏବଂ ସେଥିରୁ ମଧ ସୂକ୍ଷ୍ମ ଅନ୍ତର କ୍ଷର ଅର୍ଥାତ୍ ବ୍ରହ୍ମାଣ୍ଡି କୈନ୍ଦ୍ରିକ ପାଞ୍ଚ ଶବ୍ଦ ଅଟେ । ଏହି କ୍ଷର ଶବ୍ଦର ସୂକ୍ଷ୍ମ ତାର ବର୍ଣ୍ଣନା ଏହି ପଦରେ କରାଯାଇଛି ।

**କେନ୍ଦ୍ରୀକ ପାଁଚୋ ଶବ୍ଦ ଭି, କ୍ରମସହ ସୂକ୍ଷମ ହୋୟ ।**
**ବୋଲ ତାହି ସେ ସୂକ୍ଷ୍ମ ହୈ, ବାହର ଅକ୍ଷର ସୋୟା । (୪)**

ଭାଷ୍ୟ : ଅନ ହଦରୁ ସୂକ୍ଷ୍ମ ବ୍ରହ୍ମାଣ୍ଡି କେନ୍ଦ୍ରିକ ପାଞ୍ଚ ଶବ୍ଦ ଅଟେ ଏବଂ ଏହା ମଧ ଶବ୍ଦ କ୍ରମଶଃ ଉତ୍ତରୋତ୍ତର ସୂକ୍ଷ୍ମ ଅଟେ, ଅର୍ଥାତ୍ ନିରଞ୍ଜନ ଓ କାର ସୋହଂ, ଶକ୍ତି ଏବଂ ରରଂ ଏହି ବ୍ରହ୍ମାଣ୍ଡି ପାଞ୍ଚ ଶବ୍ଦ କ୍ରମ ଗତିରୁ ଉତ୍ତରୋତ୍ତର ସୂକ୍ଷ୍ମ ଅଟେ । ଏବଂ ସେଥିରୁ ମଧ ସୂକ୍ଷ୍ମ ବୋଲ ଯାହା ବାହାର ଅକ୍ଷର ଅଟେ । ସନ୍ଥଙ୍କ ଭାଷାରେ ବୋଲକୁ ମଧ ଅକ୍ଷର କୁହାଯାଏ । ଏହି ଦୋହାରେ ଗ୍ରନ୍ଥକାର ଅକ୍ଷରକୁ ବୋଲ ବର୍ଣ୍ଣନା କରି ସମ୍ବୋଧନ କରିଛନ୍ତି ।

**ଅକ୍ଷର ସେ ଭି ସୂକ୍ଷ୍ମ ହୈ, ନିଃ ଅକ୍ଷର ପରିଧାନ ।**
**କ୍ଷର ଅକ୍ଷର ମେଁ ବ୍ୟାପ୍ତ ହୈ, ପୂରଣ ପୁରୁଷ ମହାନ୍ । (୫)**

ଭାଷ୍ୟ : ଏକ ପାଦ ଜଗତରେ ବ୍ୟାପକ ଅକ୍ଷର ବ୍ରହ୍ମରୁ ନିଃ ତତ୍ତ୍ୱ, ନିଃଅକ୍ଷର ପୂର୍ଣ୍ଣ ପୁରୁଷ ସୂକ୍ଷ୍ମ ଅଟେ ଓ କ୍ଷର, ଅକ୍ଷର ଏହି ଦୁଇଟିରେ ଓତଃପ୍ରୋତଃ ସର୍ବତ୍ର ବ୍ୟାପକ ଅଟେ । କ୍ଷର ଅକ୍ଷରର ଆଧାର ସର୍ବଶକ୍ତିମାନ ଜଗନ୍ନିୟନ୍ତା ପରବ୍ରହ୍ମା ଅଟନ୍ତି ।

## ହିଙ୍ଗୁ ପାଣିର ଫାଇଦା

ପ୍ରତ୍ୟେକ ଭାରତୀୟଙ୍କ ରୋଷେଇରେ ହିଙ୍ଗୁର ପ୍ରୟୋଗ ହୋଇଥାଏ । ଗୋଟିଏ ପଟେ ଏହାକୁ ରୋଷେଇର ସ୍ୱାଦ ବଢ଼ାଇବାକୁ ବ୍ୟବହାର କରାଯାଉଥିବା ବେଳେ ଅନ୍ୟପଟେ ଏଥିରେ ଭରି ରହିଥାଏ ଅନେକ ସ୍ୱାସ୍ଥ୍ୟପ୍ରଦ ଗୁଣ । ଆୟୁର୍ବେଦ ଅନୁସାରେ, ପ୍ରତିଦିନ ଏକ ଗ୍ଲାସ ପାଣିରେ ଚିମୁଟାଏ ହିଙ୍ଗୁ ପକାଇ ସେବନ କଲେ ଶରୀରକୁ ଢ଼େର୍ ଫାଇଦା ମିଳିଥାଏ । ହିଙ୍ଗୁ ପାଣିରେ ଆଣ୍ଟି ଇନ୍‌ଫ୍ଲାମେଟରୀ ଗୁଣ ରହିଛି । ଏହା ପାଚନକ୍ରିୟାକୁ ଠିକ୍ ରଖିଥାଏ । ଏସିଡିଟି ମଧ ଦୂର କରିଥାଏ । ସବୁଠୁ ବଡ଼ କଥା ରକ୍ତରେ ଏହା ଶର୍କରା ପରିମାଣକୁ ନିୟନ୍ତ୍ରଣରେ ରଖିଥାଏ । ମଧୁମେହ ଭଳି ସମସ୍ୟାରୁ ମଧ ଉପଶମ ପ୍ରଦାନ କରେ । ହିଙ୍ଗୁ ପାଣିରେ ଏଭଳି କିଛି ତତ୍ତ୍ୱ ରହିଛି, ଯାହା ପରିସ୍ରା ସମ୍ବନ୍ଧିତ ବିଭିନ୍ନ ସମସ୍ୟାରୁ ରକ୍ଷା କରିଥାଏ । ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ ଆଜମାରୁ ରକ୍ଷାକରେ ।

## ସାଗୁଦାନାର ଉପକାରିତା

ପେଟକୁ ଥଣ୍ଡା କରିବା ପାଇଁ ସାଗୁ ଖୁବ୍ ଲାଭଦାୟକ । ଏଥିରେ ପ୍ରଚୁର ପରିମାଣର ପୋଷକ ତତ୍ତ୍ୱ ଭରି ରହିଛି । ପିଲାଠାରୁ ଆରମ୍ଭ କରି ବଡ଼ ପର୍ଯ୍ୟନ୍ତ ସମସ୍ତେ ସାଗୁ ଖାଇଥାନ୍ତି । ଏହା କେବଳ ପେଟ ଥଣ୍ଡାକରେ ତାହାନୁହେଁ ତ୍ୱଚା ପାଇଁ ମଧ ଖୁବ୍ ଭଲ ।



ପୂର୍ବରୁ ପିଲା ଖାଦ୍ୟ ରୂପେ ଶାଗୁ ଦାନାକୁ ବ୍ୟବହାର କରାଯାଉଥିଲା । ଏଥିପାଇଁ ମା' ମାନେ ସାଗୁ ଭାଜି ଚକିରେ ପେଶି ଗାଈ କ୍ଷୀର, ଚିନି ପକାଇ ଆଉଟି ଶିଶୁଙ୍କୁ ଖାଇବାକୁ ଦେଉଥିଲେ ।

ପିଲା ହୁଅନ୍ତୁ କି ବଡ଼ ପେଟ ଖରାପ ହୋଇ ଝାଡା ହେଉଥିଲେ ସାଗୁ ଓ କଦଳୀ ଖାଇବାକୁ ଦିଆଯାଇଥାଏ । ଏହା ପେଟକୁ ଥଣ୍ଡା କରିବା ସହିତ ତରଳ ଝାଡାକୁ କଣ୍ଟ୍ରୋଲ କରିଥାଏ ।

ସାଗୁରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ । ଆଜିକାଲି ପ୍ରାୟ ସ୍ନାକ୍ସ ଓ ଲୁଣି ଖାଦ୍ୟ ବା ପାମ୍ପଡ ଆଦି ସାଗୁରେ ତିଆରି କରାଯାଉଛି ।

ସାଗୁ ଦାନା ପ୍ରସ୍ତୁତ ଗୋଲଫିଙ୍ଗର ପିଲାଙ୍କ ପ୍ରିୟ ସ୍ନାକ୍ସ ।

ଶାଗୁ ମଣ୍ଡ ପ୍ରସ୍ତୁତ କରି ସୂତା ଲୁଗାରେ ଦିଆଯାଇଥାଏ । ତ୍ୱଚା ପାଇଁ ଶାଗୁ ଖୁବ୍ ଉପକାରୀ, ଏହା ତ୍ୱଚାର ଡାର୍କ ସର୍କଲ ଓ ଅଣ୍ଡରଆର୍ମ୍ସରେ ଥିବା କଳା ଦାଗରୁ ମୁକ୍ତି ଦେଇଥାଏ । ଏଥିପାଇଁ ସାଗୁ ବାଟି ଏଥିରେ ଅଳ୍ପ ଦହି ଓ ହଳଦୀ ପାଉଡର ମିଶାଇ ପ୍ୟାକ ପ୍ରସ୍ତୁତ କରନ୍ତୁ । ଏବେ ଏହି ପ୍ୟାକକୁ ଅଣ୍ଡରଆର୍ମ୍ସର ଡାର୍କ ସ୍ଥାନରେ ୧ ଘଣ୍ଟା କାଳ ଲଗାଇ ରଖି ସଫା ପାଣିରେ ଧୋଇ ଦିଅନ୍ତୁ, ଏମିତି ସପ୍ତାହକୁ ଦୁଇ ତିନି ଥର କରନ୍ତୁ । କିଛି ଦିନ ଭିତରେ ଆପଣଙ୍କ ଅଣ୍ଡରଆର୍ମର ଡାର୍କନେସ କେଉଁଆଡେ ଉଭେଇ ଯିବ ।

ମୁହଁରେ କଳା ବ୍ରଣ ହୋଇଥିଲେ ସାଗୁ ଦାନାକୁ ବାଟି ଏଥିରେ ଅଳ୍ପ ରୋଜ ୱାଟର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ ଏହାକୁ ତ୍ୱଚାରେ ଲଗାଇବାର ଅଧା ଘଣ୍ଟା ପରେ ମୁହଁକୁ ସଫା କରି ଦିଅନ୍ତୁ । ଏଥିରେ ଅଳ୍ପ ଦିନ ଭିତରେ ମୁଖ ବ୍ରଣ ଦୂର ହୋଇଯିବ ।

ଅଏଲି ଓ ଡ୍ରାଏ ସ୍କିନ୍ ହୋଇଥିଲେ ସାଗୁଦାନାକୁ ବାଟି ଏଥିରେ ଲେମ୍ବୁ ରସ ମିଶାଇ ପ୍ୟାକ ପ୍ରସ୍ତୁତ କରି ଏହାକୁ ମୁହଁରେ ଲଗାଇବାର ୧୫ ମିନିଟ ପରେ ସଫା ପାଣିରେ ମୁହଁକୁ ଧୋଇ ଦିଅନ୍ତୁ ସବୁଠିକ୍ ହୋଇଯିବ ।

ଯଦି ଆପଣ ଡ୍ରାଏସ୍କିନ ଯୋଗୁଁ ଚିନ୍ତାରେ ପଡିଛନ୍ତି ତେବେ ସାଗୁକୁ ବାଟି, ଏଥିରେ ମଲାଇ ମିଶ୍ରଣ କରନ୍ତୁ । ଏହି ପ୍ୟାକ୍ ତ୍ୱଚାର ଡ୍ରାଏନେସ ଦୂର କରିଦେବ । ଯଦି ସ୍କିନ୍ ଅଧିକ ଡ୍ରାଏ ରହିଛି ତେବେ ଏହାକୁ ତିନିଥର ଲଗାନ୍ତୁ । କିଛିଦିନ ଭିତରେ ତ୍ୱଚାର ଡ୍ରାଏନେସ ଦୂର ହୋଇଯିବ ।

ସାଗୁଦାନାରେ କ୍ୟାଲସିୟମ, ଆଇରନ ଓ ଭିଟାମିନ୍ ଭରପୁର ମାତ୍ରାରେ ରହିଥାଏ, ଯାହା ଅସ୍ଥି ମଜଭୁତ ପାଇଁ ଖୁବ୍ ଜରୁରୀ । ବୟସ ବଢ଼ିବା ସହିତ ଅସ୍ଥିରେ କ୍ୟାଲସିୟମ ଅଭାବକୁ ଦୂର କରେ ସାଗୁଦାନା । ଏଥିରେ ମାଂସପେଶୀ ଯନ୍ତ୍ରଣା ଦୂର ହୋଇଥାଏ ।

## ଆପଣ ଜାଣନ୍ତି କି ?

- ସନ୍ତରଣ କଲା ବେଳେ ଡଲଫିନ୍ ତାର ମସ୍ତିଷ୍କର ଗୋଟିଏ ପଟକୁ ସୁପ୍ତ ରଖିପାରୁଥିବା ବେଳେ ଅନ୍ୟ ପଟଟିକୁ ସକ୍ରିୟ ରଖିପାରେ ।
- ୨୦୧୭ ମସିହାରେ ପ୍ରକାଶିତ ମିଳିତ ଜାତିସଂଘର ଏକ ଆଲେଖ୍ୟରୁ ଏହା ଆଶଙ୍କା କରାଯାଇଛି ଯେ କାର୍ବନ ନିଃସରଣ ମାତ୍ରା ହ୍ରାସ ନ ପାଇଲେ ୨୧୦୦ ମସିହା ବେଳକୁ ୨୯ଟି ଐତିହ୍ୟବାହି ପ୍ରବାଳ ପ୍ରାଚୀର ଧ୍ୱଂସ ପାଇଯିବ ।
- ଉତ୍ତର କାନାଡାରେ ଦେଖା ଯାଉଥିବା ନାଲି ରଙ୍ଗର ଏକ ପ୍ରକାରର ବାଦୁଡ଼ି ଶୀତନିଦ୍ରାକୁ ଚାଲିଗଲେ ଜୀବିତ ରହିବା ପାଇଁ ୧୦ ମିନିଟରେ ଥରେ ମାତ୍ର ନିଃଶ୍ୱାସ ନେଇଥାଆନ୍ତି ।
- ବିଶ୍ୱର ସବୁଠାରୁ ଦ୍ରୁତ ବୃଦ୍ଧି ପାଉଥିବା ଗଛର ନାଁ ୪୫ ଜେନେରା । ଗବେଷଣାରୁ ଜଣାଯାଇଛି ଯେ ଏହି ଗଛ ପ୍ରତିଦିନ ୯୧ ସେଣ୍ଟିମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ ।
- ଖାଦ୍ୟ ପ୍ରତି ଥିବା ଭୟକୁ କୁହାଯାଏ ସିବୋଫୋବିୟା ।
- କ୍ରାନବେରିକୁ କୁହାଯାଇଥାଏ ବାଉନ୍ସ ବେରି । କାରଣ ପାଚିଗଲା ପରେ ଏହି କୋଳିଗୁଡିକ ତଳେ ପଡିଲେ ରବର ବଲ ଭଳି ଡିଆଁ ମାରିଥାଆନ୍ତି ।
- ଟ୍ରେଟ୍ରୋପ୍ୟାକର '୧୦୦ ପ୍ରତିଶତ ଖାଣ୍ଟି' ଲେମ୍ବୁ ରସ ୧୦୦ ପ୍ରତିଶତ କୃତ୍ରିମ ସ୍ୱାଦରେ ଭରା ।
- ଜାଣିଲେ ଆବାକ୍ ହେବେ ଯେ ବନ୍ଧାକୋବିର ୯୧ ପ୍ରତିଶତ ହେଉଛି ପାଣି ।
- ଜୋକର କେତୋଟି ମସ୍ତିଷ୍କ ଥାଏ ଜାଣନ୍ତି ? ଭାବୁଛନ୍ତି କି ଦୁଇ ତିନୋଟି ହୋଇଥିବ । ଜୋକର ୩୨ ଟି ମସ୍ତିଷ୍କ ଥାଏ ।

## ଓଜନ କମାଇବ ଅଦା



ଦୈନନ୍ଦିନ ଜୀବନଶୈଳୀରେ ୧ କପ୍ ଅଦା ମିଶ୍ରିତ ପାଣି ବା ଚାକୁ ସାମିଲ କରନ୍ତୁ, କାରଣ ଓଜନ ହ୍ରାସ ମାମଲାରେ ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଗବେଷକମାନେ କହିଛନ୍ତି । କଡ଼ା ସ୍ୱାଦଯୁକ୍ତ ଅଦା ଭାରତୀୟଙ୍କ ରୋଷେଇ ଶାଳର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଭାବେ ପରିଚିତ ।

ଥଣ୍ଡାରୁ ଆରମ୍ଭ କରି ବଦହଜମି ଆଦି ଚିକିତ୍ସାରେ ଏହାକୁ ଔଷଧ ଭାବେ ବ୍ୟବହାର କରାଯାଏ । ଏକାଧିକ ସ୍ୱାସ୍ଥ୍ୟ ହିତକର ଗୁଣରେ ଏହା ପରିପୂର୍ଣ୍ଣ । ମସଲାରେ ବ୍ୟବହୃତ ଏହି ଚମତ୍କାରୀ ଉତ୍ପାଦ ଅତିରିକ୍ତ ଓଜନ ହ୍ରାସ କରିବାରେ ସକ୍ଷମ । ଅଦାରେ ଥିବା ଦୁଇ ଯୌଗିକ ଶୋଗାଓଲସ ଓ ଜିଞ୍ଜରୋଲ୍ସ ଜୈବିକ କାର୍ଯ୍ୟକଳାପକୁ ଉତ୍ତେଜିତ କରେ । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ତତ୍ତ୍ୱ ପ୍ରଦାହଠୁ ଦୂରରେ ରଖେ । ନିକଟରେ ଏକ ଅଧ୍ୟୟନ ପୁରୁଷଙ୍କ କ୍ଷୁଧା ଓ ପୃଥୁଳତା ଆଶଙ୍କା ହ୍ରାସ କ୍ଷେତ୍ରରେ ଅଦାରେ ପ୍ରସ୍ତୁତ ଗରମ ପାନୀୟର ପ୍ରଭାବ ସମ୍ପର୍କରେ ଆକଳନ କରିଛି । ଅଧ୍ୟୟନ ଅନୁସାରେ ଅଦା ଖାଇବା ଦ୍ୱାରା କ୍ଷୁଧା ଲାଳସା ହ୍ରାସପାଏ । ତେଣୁ ଓଜନ ନିୟନ୍ତ୍ରଣରେ ରଖିବା ଦିଗରେ ଏହା ପ୍ରଭାବଶାଳୀ ଭୂମିକା ନିର୍ବାହ କରେ । ରକ୍ତ ଶର୍କରା ସ୍ତରକୁ ମଧ ନିୟନ୍ତ୍ରଣରେ ରଖେ । ଓଜନରେ ସନ୍ତୁଳନ ରକ୍ଷା କରିବାକୁ ହେଲେ ହଜମ ପ୍ରକ୍ରିୟାକୁ ସୁସ୍ଥ ରଖିବା ଜରୁରି । ତେଣୁ ସକାଳେ ଖାଲି ପେଟରେ ଅଦାଯୁକ୍ତ ପାନୀୟ ପିଇବା ଦ୍ୱାରା ହଜମ ପ୍ରକ୍ରିୟା ଠିକ୍ ରହେ ।

## ଶ୍ୱାସ ଦୂରକରେ ଶଙ୍ଖ ବାଦନ



କେତେକଙ୍କ ଠାରେ ଶ୍ୱାସ ସମସ୍ୟା ଦେଖା ଦେଇଥାଏ । ବିଶେଷକରି ଶୀତଦିନେ ଏହାର ପ୍ରଭାବ ଅଧିକ ଦେଖା ଦେଇଥାଏ । ଏଥିପାଇଁ କେତେକ ଡାକ୍ତରଙ୍କ ପରାମର୍ଶ ନେବା ସହିତ ଔଷଧ ସେବନ କରିଥାନ୍ତି । ତେବେ କେତେକ ଘରୋଇ ଉପଚାର ଦ୍ୱାରା ଏହି ସମସ୍ୟା ସହଜରେ ଦୂର ହୋଇଥାଏ । ସକାଳେ ସନ୍ଧ୍ୟାରେ ଅଭ୍ୟାସ କରି ଶଙ୍ଖ ବାଦନ କଲେ ଶ୍ୱାସ ସମସ୍ୟା ସହଜରେ ଦୂର ହୋଇଥାଏ ବୋଲି ଶଙ୍ଖ ବିଶେଷଜ୍ଞଙ୍କ ପରାମର୍ଶ ଦେଇଥାନ୍ତି । ଏହାଦ୍ୱାରା ହାର୍ଟ ସମସ୍ୟା ମଧ ଦୂର ହୁଏ । ଶଙ୍ଖ ବାଦନ ଦ୍ୱାରା ମୁଖମଣ୍ଡଳର ମାଂସପେଶୀ ସୁଦୃଢ଼ ହୁଏ । ଏହାଦ୍ୱାରା ମୁଖମଣ୍ଡଳ ଉଜ୍ଜ୍ୱଳତା ମଧ ବୃଦ୍ଧି ପାଏ । ଏହାଦ୍ୱାରା ବିଭିନ୍ନ ତଳିପେଟ ସମସ୍ୟା ଦୂର ହୋଇଥାଏ । ନିୟମିତ ଶଙ୍ଖ ବାଦନ କଲେ ମୂତ୍ରାଶୟ ସମସ୍ୟା ହୋଇ ନ ଥାଏ ।

## କହିପାରିବେ କି ?

(୧) ବିଶ୍ୱ ଜଳ ଦିବସ କେବେ ପାଳନ କରାଯାଏ ?
(୨) ୨୦୧୨ରେ ମେରିଲ ଷ୍ଟ୍ରିପଙ୍କୁ ଏକାଡେମୀ ପୁରସ୍କାର ମିଳିଥିଲା । ସେ କ'ଣ ପାଇଁ ପ୍ରସିଦ୍ଧ ?
(୩) ବ୍ରିଟିଶ ଶାସନାଧୀନ ଭାରତର କେଉଁ ଭାଇସରୟ 'ପ୍ରୋବ୍ଲେମ୍ସ ଅଫ୍ ଦ ଇଷ୍ଟ' ପୁସ୍ତକ ଲେଖିଥିଲେ ?
(୪) ମହମ୍ମଦ ଅଲ୍ଲୀ ଜିନ୍ନା ହିନ୍ଦୁ -ମୁସଲିମ ଏକତ୍ୱର ବାର୍ତ୍ତାବହ ଥିଲେ ବୋଲି ଏମାନଙ୍କ ମଧ୍ୟରୁ କିଏ କହିଥିଲେ ?
(୫) ଲୋକସଭା ବାଚସ୍ପତି ଏମାନଙ୍କ ମଧ୍ୟରୁ କାହାକୁ ନିଯୁକ୍ତ କରନ୍ତି ?
(୬) ସଂସଦର ସଦସ୍ୟ ହୋଇ ନ ଥିଲେ ମଧ କାହାର ଗୃହର କାର୍ଯ୍ୟପ୍ରକ୍ରିୟାରେ ଭାଗ ନେବାର ଅଧିକାର ରହିଛି ?
(୭) ଲୋକ୍‌ଟକ ହ୍ରଦ କେଉଁଠାରେ ରହିଛି ?
(୮) ଷ୍ଟେଥୋସ୍କୋପ୍ କିଏ ଉଦ୍ଭାବନ କରିଥିଲେ ?
(୯) କେଉଁ ରାଜ୍ୟର ଲୋକେ ସବୁଠୁ ଅଧିକ କରୋନା ସଂକ୍ରମଣର ଶିକାର ହୋଇଛନ୍ତି ?
(୧୦) ଲକ୍ଷ୍ମୀଙ୍କ ବାହନ କିଏ ?

### JUMBLE WORDS

| | | | |
|---|---|---|---|
| 1) LIYMK | = | 6) FROEF | = |
| 2) OCNUE | = | 7) CUVAMU | = |
| 3) BPRAUT | = | 8) SKURNH | = |
| 4) SYRAGS | = | 9) SERTC | = |
| 5) BEALF | = | 10) CKNKA | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ମଲଟିପ୍ରୋସେସର, ୨.ସୋଭିଏତ୍ ୟୁନିଅନ୍, ୩. ୧୯୬୯, ୪.ଜର୍ଜ ଅରୱେଲ, ୫.ଜାନୁୟାରୀ ୨୫, ୬. ମହିଳା ଫଟୋ ଜର୍ଣ୍ଣାଲିଷ୍ଟ, ୭. ଅମିର ଖୁସ୍ରୋ, ୮. ୨୪, ୯. ନବମ, ୧୦. କୃଷ୍ଣ ।

***Jumble Words*** **ର ଉତ୍ତର :-**

(1) OUTING (2) LONELY (3) EXUDE (4) FLOSS (5) LOTION (6) CANNED (7) GLADE (8) PRONG (9) CASHEW (10) EYEFUL.

# ଦେୟଯୁକ୍ତ ଡ଼ିଜିଟାଲ ସମ୍ବାଦ ମଞ୍ଚ

**ଡକ୍ଟର ପ୍ରଦୀପ ମହାପାତ୍ର**

ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ପାରମ୍ପରିକ ସମ୍ବାଦ ମଞ୍ଚଗୁଡ଼ିକ ଡ଼ିଜିଟାଲ ପରିବେଶରେ ଆତ୍ମପ୍ରକାଶ କରିବା ଅବସରରେ ମୁଖ୍ୟତଃ ଦେୟ ରହିତ ବ୍ୟାବସାୟିକ ମଡ଼େଲରେ ସମୃଦ୍ଧ ହୋଇ ଆସିଥିଲେ । ସମ୍ବାଦପତ୍ର, ରେଡ଼ିଓ ଓ ଟେଲିଭିଜନ ମଞ୍ଚ ବିଜ୍ଞାପନଭିତ୍ତିକ ବ୍ୟାବସାୟିକ ମଡ଼େଲରେ ବିକଶିତ ହୋଇଥିବା ସ୍ଥଳେ ଡ଼ିଜିଟାଲ ସମ୍ବାଦ ମଞ୍ଚଗୁଡ଼ିକ ମଧ ସେହି ରାସ୍ତା ଅନୁସରଣ କରିଥିଲେ । ସ୍ୱଳ୍ପ ସଂଖ୍ୟକ ମୌଳିକ ଡିଜିଟାଲ ସମ୍ବାଦ ମଞ୍ଚ 'ଡ଼ିଜିଟାଲ ନେଟିଭ' ଗ୍ରାହକ ଚାନ୍ଦାକୁ ଅଗ୍ରାଧିକାର ଦେଇଥିଲେ ହେଁ ବିଜ୍ଞାପନ ନିର୍ଭରଶୀଳତାକୁ ଏଡ଼ାଇ ଦେଇ ପାରିନଥିଲେ । ଆନ୍ତର୍ଜାତିକସ୍ତରରେ ବିଂଶ ଶତାବ୍ଦୀର ଶେଷ ଦଶକରୁ ଆରମ୍ଭ ହୋଇଥିବା ଡ଼ିଜିଟାଲ ସମ୍ବାଦ ମଞ୍ଚ ପ୍ରବାହ ବିଗତ ତିନି ଦଶକ ଧରି ଅତୁଟ ରହିଛି । ଏହି ସମୟ ସୀମାରେ କେତେଗୋଟି ଘଟଣାକ୍ରମ ଗୁରୁତ୍ୱ ବହନ କରିଥାଏ । ପ୍ରଥମତଃ, ବୈଷୟିକ ଦୃଷ୍ଟିରୁ ଅନଲାଇନ ପରିବେଶ କ୍ରମଶଃ ଶକ୍ତିଶାଳୀ ହେବାରେ ଲାଗିଛି । କୁହାଯାଉଛି ପଚାଶ ବର୍ଷ ତଳର ସୁପର କମ୍ପ୍ୟୁଟର ଆଜି ସାଧାରଣ ଲୋକଙ୍କ ପକେଟରେ ସ୍ଥାନ ପାଉଛି । ଦ୍ୱିତୀୟତଃ, ଇଣ୍ଟରନେଟର ପ୍ରସାର, ଉପଭୋକ୍ତା ସଂଖ୍ୟା ବୃଦ୍ଧି ଓ ଦୈନନ୍ଦିନଭିତ୍ତିରେ ଦୀର୍ଘ ସମୟଧରି ଅନଲାଇନ ଉପସ୍ଥିତି ଜନଜୀବନର ଏକ ଅପରିହାର୍ଯ୍ୟ ଅଂଶ ପାଲଟିଛି । ତୃତୀୟତଃ, ଯୁକ୍ତରାଷ୍ଟ୍ର ଆମେରିକାରେ ୨୦୦୮ରେ ସୃଷ୍ଟ ଅର୍ଥନୀତିକ ମାନ୍ଦାବସ୍ଥା କାରଣରୁ ପାରମ୍ପରିକ ସମ୍ବାଦ ମଞ୍ଚରେ ବିଶ୍ୱବ୍ୟାପୀ ବିଜ୍ଞାପନ ବ୍ୟୟ କମିବାରେ ଲାଗିଛି । ଏହି ପରିବେଶରେ ଡ଼ିଜିଟାଲ ସମ୍ବାଦ ମଞ୍ଚର ଗୁରୁତ୍ୱ ବୃଦ୍ଧି ପାଇବା ସ୍ୱାଭାବିକ । ତେବେ ସୋସିଆଲ ମିଡ଼ିଆ ସହ ସର୍ଚ୍ଚଇଞ୍ଜିନ ଓ ଇ-କମର୍ସର ଲୋକପ୍ରିୟତା ତଥା କୃତ୍ରିମ ବୁଦ୍ଧିମତ୍ତା ଉପଯୋଗରେ ଉପଭୋକ୍ତାଙ୍କ ଦୈନନ୍ଦିନ ଗତିବିଧିକୁ ତର୍ଜମା କରି ବ୍ୟକ୍ତିଗତ ସ୍ତରରେ ଲକ୍ଷ୍ୟଭିତ୍ତିକ ବିଜ୍ଞାପନ ପ୍ରଦର୍ଶନ ସୁଯୋଗ କାରଣରୁ ପାରମ୍ପରିକ ମଞ୍ଚରୁ ଡିଜିଟାଲ ମଞ୍ଚକୁ ଅପସାରିତ ବିଜ୍ଞାପନ ବ୍ୟୟ ସମ୍ବାଦମଞ୍ଚ ଭାଗରେ ପହଞ୍ଚି ପାରୁନାହିଁ । ଫଳତଃ ଅନ୍ୟ ପାରମ୍ପରିକ ଗଣମାଧମ ମଞ୍ଚଗୁଡ଼ିକ ସହ ଡିଜିଟାଲ ସମ୍ବାଦ ମଞ୍ଚର ବିଜ୍ଞାପନଭିତ୍ତିକ ବ୍ୟାବସାୟିକ ମଡ଼େଲ ମଧ ଭୁଷୁଡ଼ି ପଡ଼ିଛି । ଦୀର୍ଘ ଅଢ଼େଇଶହ ବର୍ଷରୁ ପରିପୁଷ୍ଟ ବିଜ୍ଞାପନଭିତ୍ତିକ ପ୍ରକାଶନ ଧାରାକୁ ବିଜ୍ଞାପନ ଆୟ ଅଭାବରେ ଗ୍ରାହକଚାନ୍ଦା ଆୟ ହିଁ ବିକଳ୍ପ ବିଚାର କରାଯାଇପାରେ । ବ୍ୟାବସାୟିକ ବିଜ୍ଞାପନ ଧାରା ବଦଳାଇ ସାମାଜିକ ବିଜ୍ଞାପନ 'ଏଡ଼ଭାଟୋରିଆଲ', ବଦାନ୍ୟତାଭିତ୍ତିକ ଅର୍ଥନୀତି 'ଫିଲାନ୍ଥ୍ରପି' ଏବଂ ସାର୍ବଜନୀନ ପାଣ୍ଠି 'ପବ୍ଲିକ ଫଣ୍ଡ' ବ୍ୟବହାର ସାମୟିକ ଆଶ୍ୱସ୍ତି ଆଣିଦେଇ ପାରିଲେ ହେଁ ଦୀର୍ଘମିଆଦୀ ସୂତ୍ରରେ ବ୍ୟବସାୟ ପରିଚାଳନା ସମ୍ଭବପର ନୁହ । ତେବେ ଭାରତରେ ବିଗତ ୨୫ ବର୍ଷଧରି ଦେୟ ରହିତ ବିନାମୂଲ୍ୟରେ ଡିଜିଟାଲ ମଞ୍ଚରେ ସମ୍ବାଦ ଆହରଣ କରିବା ସୁଯୋଗରେ ଅଭ୍ୟସ୍ତ ପାଠକଶ୍ରେଣୀଙ୍କୁ ଦେୟଯୁକ୍ତ ସେବା ଗ୍ରହଣ ନିମନ୍ତେ ପ୍ରବର୍ତ୍ତାଇବା କଠିନ ଅଭିଯାନ ମନେହୁଏ । ଗଣମାଧମ ଉପତ୍ୟକାରେ 'କୋଭିଡ଼-୧୯' ମହାମାରୀ ବ୍ୟାପକ ପରିବର୍ତ୍ତନର ସୂତ୍ରଧର ବିଚାର କରାଯାଏ । ଏକପକ୍ଷରେ ମହାମାରୀ-ପୂର୍ବାବସ୍ଥାରେ ପ୍ରଚଳିତ ବ୍ୟାବସାୟିକ ମଡ଼େଲ ଅନ୍ତଃସାର ଶୂନ୍ୟ ହୋଇପଡ଼ିଥିବା ସ୍ଥଳେ ମହାମାରୀ କାଳରେ ବ୍ୟାପକ ବିଘଟନର ସମ୍ମୁଖୀନ ହୋଇଥିଲା । ଉଦାହରଣରେ 'ଫେଡ଼ରେସନ ଅଫ ଇଣ୍ଡିଆନ ଚେମ୍ବର ଅଫ କମର୍ସ ଏଣ୍ଡ ଇଣ୍ଡାଷ୍ଟ୍ରୀଜ'ର ହିସାବରେ ୨୦୨୦ରେ ମୁଦ୍ରଣ ଗଣମାଧମର ଆୟ ୩୬ ପ୍ରତିଶତ ହ୍ରାସ ପାଇଥିଲା । ବିଜ୍ଞାପନ ବାବଦରେ ୪୧ ପ୍ରତିଶତ ଏବଂ ପ୍ରସାର ବାବଦରେ ୨୯ ପ୍ରତିଶତ ରାଜସ୍ୱ ହାନୀ ଘଟିଥିଲା ।

ମହାମାରୀରେ ଡିଜିଟାଲ ସମ୍ବାଦ ମଞ୍ଚର ଅଭିବୃଦ୍ଧି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଘଟଣା । 'ଫିକି' ରିପୋର୍ଟ ଅନୁଯାୟୀ ୨୦୨୦ରେ ଡିଜିଟାଲ ସମ୍ବାଦ ମଞ୍ଚରେ ଗ୍ରାହକ ସଂଖ୍ୟା ୩୯ କୋଟି ୮୦ ଲକ୍ଷରୁ ୪୫ କୋଟି ୪୦ ଲକ୍ଷକୁ ବୃଦ୍ଧି ପାଇଥିଲା । ପ୍ରମୁଖ ମୁଦ୍ରିତ ସମ୍ବାଦପତ୍ର 'ଦି ଟାଇମ୍ସ ଅଫ ଇଣ୍ଡିଆ', 'ଦି ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସ' ଓ 'ଲାଇଭ ମିଣ୍ଟ' ୨୦୨୦ରେ ନିଜସ୍ୱ ଡ଼ିଜିଟାଲ ସମ୍ବାଦ ମଞ୍ଚଗୁଡ଼ିକ ଦେୟଯୁକ୍ତ କରିଥିଲେ । ଆଞ୍ଚଳିକ ଭାଷାର ସମ୍ବାଦପତ୍ର ମଧରେ 'ମାତୃଭୂମି', 'ମାଳାୟଳା ମନୋରମା', 'ଦୈନିକ ଜାଗରଣ' ଓ 'ଡେଇଲି ତନ୍ତୀ' ପ୍ରମୁଖ ଏଥିରେ ସାମିଲ ହୋଇଥିଲେ । 'ଦୈନିକ ଭାସ୍କର' ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିଲେ ସୁଦ୍ଧା ଦେୟଯୁକ୍ତ 'ପେ-ୱାଲ' ଅପେକ୍ଷାରେ ରହିଥିଲା । ଦେଶରେ ଦେୟଯୁକ୍ତ ଡିଜିଟାଲ ସମ୍ବାଦ ମଞ୍ଚ ପ୍ରଚଳନରେ 'ଦି ହିନ୍ଦୁ' ଆଗୁଆ ରହିଛି । ମହାମାରୀର ବର୍ଷକ ଆଗରୁ ୨୦୧୯ ଫେବୃୟାରୀ ମାସରୁ ଏହାର ଇ-ପେପର ଦେୟଯୁକ୍ତ ମଡ଼େଲରେ ପ୍ରବର୍ତ୍ତିତ ହୋଇଥିଲା । ୨୦୧୯-୨୦ ତୁଳନାରେ ୨୦୨୦-୨୧ରେ ଇ-ପେପର ଗ୍ରାହକ ସଂଖ୍ୟା ୧୫୦ ପ୍ରତିଶତ ବୃଦ୍ଧି ପାଇଥିବା କୁହାଯାଏ । ଅବଶ୍ୟ ୨୦୨୧ ସୁଦ୍ଧା 'ଦି ହିନ୍ଦୁ'ର ଆୟର ୯୦ପ୍ରତିଶତ ମୁଦ୍ରିତ ଉତ୍ପାଦ ଆଶ୍ରିତ । ଡ଼ିଜିଟାଲ ସମ୍ବାଦ ମଞ୍ଚରେ ଗ୍ରାହକଚାନ୍ଦା ଆୟ ସମୃଦ୍ଧ ହେଉଥିବା ଧାରା ଲକ୍ଷ୍ୟ କରାଯାଏ । 'ଦି ହିନ୍ଦୁ'ର ଡିଜିଟାଲ ମଞ୍ଚ ଆୟର ୪୭ ପ୍ରତିଶତ ଗ୍ରାହକ ଚାନ୍ଦା ଅନ୍ତର୍ଭୁକ୍ତ ରହିଥିଲା । ବିଜ୍ଞାପନ ଆୟ ୫୩ ପ୍ରତିଶତ ହିସାବ କରାଯାଉଥିବା ସ୍ଥଳେ ଭବିଷ୍ୟତରେ ବିଜ୍ଞାପନ ତୁଳନାରେ ଗ୍ରାହକ ଚାନ୍ଦା ଆୟ ବୃଦ୍ଧି ଘଟିବା ବିଶ୍ୱାସ କରାଯାଏ । 'ଦି ହିନ୍ଦୁ'ର କର୍ମକର୍ତ୍ତାଙ୍କ ବିଚାରରେ ଡିଜିଟାଲ ସମ୍ବାଦ ମଞ୍ଚରେ ପହଞ୍ଚୁଥିବା ପାଠକମାନଙ୍କ ମଧରୁ ଶତକଡ଼ା ପାଞ୍ଚ ପ୍ରତିଶତ ଗ୍ରାହକ ଶ୍ରେଣୀଭୁକ୍ତ ହେଲେ ସ୍ୱାବଲମ୍ବୀ ବ୍ୟାବସାୟିକ ମଡ଼େଲ ପ୍ରସ୍ତୁତ ହେବା ସମ୍ଭବପର । 'ଦି ହିନ୍ଦୁ'ର ଇ-ପେପରରେ ପାଠକମାନେ ମାସିକ ୧୦ଗୋଟି ସମ୍ବାଦ ବିନାଦେୟରେ ପାଠ କରିବା ସୁଯୋଗ ପାଇଥାନ୍ତି । ମହାମାରୀ କାଳରେ ଏହା ୨୦ ଗୋଟି ସମ୍ବାଦକୁ ବୃଦ୍ଧି ପାଇଥିଲା । ଗଣମାଧମ ବିଶ୍ଳେଷକମାନଙ୍କ ମତରେ ଦେଶରେ ଡିଜିଟାଲ ସମ୍ବାଦ ମଞ୍ଚର ଭବିଷ୍ୟତ ଉଜ୍ଜ୍ୱଳ ଥିବା ସତ୍ତ୍ୱେମୁଦ୍ରିତ ସମ୍ବାଦମଞ୍ଚର ଆଧିପତ୍ୟ ବଳବତ୍ତର ରହିଛି । ଅର୍ଥନୀତି ଦୃଷ୍ଟିରୁ ସମ୍ବାଦ ପ୍ରତିଷ୍ଠାନ ଗୁଡ଼ିକର ମୋଟ ଆୟର ମାତ୍ର ପାଞ୍ଚ ପ୍ରତିଶତ ଆୟ ଡିଜିଟାଲ ମଞ୍ଚରୁ ଆସିଥାଏ । ଅବଶ୍ୟ 'ରଏଟର ଇନଷ୍ଟିଟିଉଟ'ର 'ଡିଜିଟାଲ ନିଉଜ ରିପୋର୍ଟ ୨୦୧୯' ଅନୁଯାୟୀ ଭାରତରେ ୪୦ ପ୍ରତିଶତ ଯାଏଁ ଡିଜିଟାଲ ସମ୍ବାଦ ଉପଭୋକ୍ତା ଗ୍ରାହକ ଶ୍ରେଣୀଭୁକ୍ତ ହେବା ନିମନ୍ତେ ଆଗ୍ରହୀ । 'ୱାରଲଡ଼ ଇକନୋମିକ ଫୋରମ'ର ୨୦୨୦ରିପୋର୍ଟରେ ଏହି ସଂଖ୍ୟା ୬୭ ପ୍ରତିଶତ ଆକଳନ କରାଯାଇଥିଲା ।

ଭାରତରେ ଡ଼ିଜିଟାଲ ସମ୍ବାଦ ମଞ୍ଚର ଶୀର୍ଷ ସଂଗଠନ 'ଡିଜିଟାଲ ନିଉଜ ପବ୍ଲିସର୍ସ ଏସୋସିଏସନ'ର ଅଧକ୍ଷ ତଥା 'ଦୈନିକ ଭାସ୍କର' ସମ୍ବାଦପତ୍ର ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ପବନ ଅଗ୍ରୱାଲଙ୍କ ମତରେ ଡିଜିଟାଲ ସମ୍ବାଦ ମଞ୍ଚର ଗ୍ରାହକ ବୃଦ୍ଧି ନିମନ୍ତେ ମୁଖ୍ୟତଃ ଡିଜିଟାଲ ସମ୍ବାଦ ମଞ୍ଚରେ ସମ୍ବାଦ ପରିବେଷଣରେ ଉତ୍କର୍ଷତା ପ୍ରତି ଧାନ ଦିଆଯିବା ଆବଶ୍ୟକ । ସେ ଟିପ୍ପଣୀ ଦେଇଛନ୍ତି ଯେ ଦେଶରେ ଇ-କମର୍ସ ଓ ଓଟିଟି ପ୍ଲାଟଫରମର ଲୋକପ୍ରିୟତା ବଢୁଥିବା ହେତୁ ସାଧାରଣ ଲୋକେ ଡିଜିଟାଲ ମୋଡ଼ରେ ଅର୍ଥଦେଣ ନେଣରେ ଅଭ୍ୟସ୍ତ ହୋଇ ସାରିଲେଣି । ଏହି ଅବସରରେ ବ୍ୟବହାର ଯୋଗ୍ୟ ଉତ୍ପାଦ ଯୋଗାଇ ଦେଇ ପାରିଲେ ଡିଜିଟାଲ ସମ୍ବାଦ ମଞ୍ଚକ୍ଷେତ୍ରରେ ଦ୍ରୁତ ଅଗ୍ରଗତି ସଂଭବପର । ମହାମାରୀ କାଳରେ ସମ୍ବାଦ ଉପଭୋକ୍ତାଗଣ ଅସତ୍ୟ ସମ୍ବାଦ 'ଫେକ ନିଉଜ' ଓ ପ୍ରାୟୋଜିତ ସମ୍ବାଦ 'ପେଡ଼ ନିଉଜ'ର ପ୍ରାଦୁର୍ଭାବରେ ଅତିଷ୍ଠ ହୋଇପଡ଼ିଥିବା ଲକ୍ଷ୍ୟ କରାଯାଏ । ପାରମ୍ପରିକ ସମ୍ବାଦ ମଞ୍ଚଗୁଡ଼ିକ ନିଜ ନିଜ ବ୍ୟାବସାୟିକ ମଡ଼େଲର ବିପନ୍ନ ସ୍ଥିତି ହେତୁ ବାଧବାଧକତାରେ ଗୁଣାତ୍ମକ ସମ୍ବାଦ ପରିବେଷଣରୁ ଦୂରେଇ ଯାଉଥିବା ବିଶ୍ୱାସ । ଏହି ପରିବେଶ ଦେୟଯୁକ୍ତ ଡିଜିଟାଲ ସମ୍ବାଦ ମଞ୍ଚ ବିକାଶ ନିମନ୍ତେ ଅନୁକୂଳ ବିଚାର କରାଯାଇପାରେ । ବିଶେଷଜ୍ଞଙ୍କ ମତରେ ଏଥିଲାଗି ଦୀର୍ଘକାଳ ପୂର୍ବ ପ୍ରସ୍ତୁତି ଆବଶ୍ୟକ । ତରବରିଆ ଉଦ୍ୟମ ଫସର ଫାଟିବାର ଭୟ ଲାଗି ରହିଥାଏ ।

## ଶିଖିବାର କୌଣସି... ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ

ଏହାର ତାତ୍ପର୍ଯ୍ୟ ହେଲା ଭୌତିକତାର ଚାକଚକ୍ୟ ଭିତରେ ତଥା ସାଂସାରିକ ମାୟାଜାଲ ମଧରେ ବ୍ୟକ୍ତିକୁ କେଉଁଠି ଅଟକିବା ଅନୁଚିତ, ବରଂ ନିରନ୍ତର ଆଗକୁ ବଢ଼ି ଚାଲିବା ଦରକାର, ଏଠାରେ ଚାଲୁଥିବାର ତାତ୍ପର୍ଯ୍ୟ କେବଳ ଅଗ୍ରସର ହେବା ନୁହେଁ, ବରଂ ଉର୍ଦ୍ଧ୍ୱକୁ ଉଠିବା ପାଇଁ ମଧ ଶିକ୍ଷା ଦେଇଥାଏ, କାରଣ ଏହି ଉର୍ଦ୍ଧ୍ୱଗାମୀ ଗତି ଆମକୁ ପରମ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ଦିଏ ।

ଏହି ସନ୍ଦର୍ଭରେ ଏକ ଘଟଣା ସେହି ସମୟର, ଯେତେବେଳେ ମହାଭାରତ ଯୁଦ୍ଧ ସମାପ୍ତ ହୋଇ ସାରିଥିଲା ଏବଂ ଭୀଷ୍ମ ପିତାମହ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତିକୁ ଅପେକ୍ଷା କରି ରହିଥିଲେ । ଏପରି ସମୟରେ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ କହିଲେ ଯେ ନିଜର ବୃଦ୍ଧ ପିତାମହଙ୍କ ଠାରୁ ଜ୍ଞାନ ଲାଭ କର । ଯୁଧିଷ୍ଠିର ବୟସର ଯେଉଁ ସୋପାନରେ ଥିଲେ ଏବଂ ଜୀବନର ସଂଘର୍ଷ ତାଙ୍କୁ ଯାହା ଶିଖାଇ ଥିଲା ତାହା ପରେ ବି କିଛି ଶିଖିବା ପାଇଁ ମୃତ୍ୟୁକୁ ପ୍ରତୀକ୍ଷା କରିଥିବା ପିତାମହ ଭୀଷ୍ମଙ୍କ ପାଖକୁ ଯିବାର ଅନୁରୋଧ ତାଙ୍କୁ କିଛି ବିଚିତ୍ର ମନେହେଲା । ତଥାପି ମଧ ସେ ଜ୍ଞାନ ଲାଭ କରିବା ପାଇଁ ଭୀଷ୍ମ ପିତାମହଙ୍କ ନିକଟକୁ ଗଲେ ଏବଂ ଏହି କାରଣରୁ ମହାଭାରତର ଶାନ୍ତି ଓ ଅନୁଶାସନ ପର୍ବର ସମ୍ବାଦ ଏକ ଅଦଭୁତ ରୂପରେ ପାଠକମାନଙ୍କ ସାମନାକୁ ଆସିଲା । ନିରନ୍ତର ଶିଖିବାର କଳା ବ୍ୟକ୍ତିକୁ ଜୀବନରେ ନିଶ୍ଚିତ ରୂପେ ଅଗ୍ରସର କରାଏ । ସଫଳ ଲୋକଙ୍କ ଗଣନାରେ ସାମିଲ ଜଣେ ସଫ୍ଟୱେୟାର ଡେଭଲପ କରୁଥିବା ବ୍ୟକ୍ତି ସହିତ କାମ କରୁଥିବା ତାଙ୍କର କେତେକ ସାଥୀ ଏବେ କାମ କରିବା ବନ୍ଦ କରି ଦେଇଛନ୍ତି । ଏହି ବାବଦରେ ସଫ୍ଟୱେୟାର ଡେଭଲପରର କହିବା କଥା ହେଲା ମୋର ସାଥୀମାନେ କାମ କରିବା ବନ୍ଦ କରି ନାହାନ୍ତି, ବରଂ ସେମାନଙ୍କୁ କାମ ମିଳିବା ବନ୍ଦ ହୋଇଯାଇଛି, ଯଦି ମୁଁ ନିଜ ସମୟର ଏକ ଅଂଶ କିଛି ନୂଆ ଶିଖିବାରେ ଉପଯୋଗ କରି ନଥାନ୍ତି, ତା ହେଲେ ମୋତେ ମଧ କାମ କରିବା ବନ୍ଦ ହୋଇଯାଇ ଥାନ୍ତା, କାରଣ ପ୍ରକୃତିର ନିୟମ ହେଉଛି ଆପଣ ଯେପର୍ଯ୍ୟନ୍ତ ଶିକ୍ଷା କରୁଥିବେ, ସେ ପର୍ଯ୍ୟନ୍ତ ଚାଲୁଥିବେ । ଶିଖିବାର କ୍ରମ ଗ୍ରହଣ କରିବା କେବଳ ଶିଷ୍ୟବୃତ୍ତିର ହିଁ ଦ୍ୟୋତକ ନୁହେଁ, ବରଂ ଉତ୍କର୍ଷରେ ପହଞ୍ଚି ସିଦ୍ଧି ପ୍ରାପ୍ତ କରିବା କ୍ଷଣରେ ଅହଙ୍କାରକୁ ପାଖକୁ ଆସିବାକୁ ନ ଦେବାର କବଚ ମଧ । ଆଜି କମ୍ପ୍ୟୁଟରରୁ ନେଇ ଅଧାତ୍ମ ପର୍ଯ୍ୟନ୍ତ, ଚିକିତ୍ସାରୁ ନେଇ ପ୍ରାର୍ଥନା ପର୍ଯ୍ୟନ୍ତ, ଭୌତିକତାରୁ ନେଇ ପରମାର୍ଥ ପର୍ଯ୍ୟନ୍ତ ଏବଂ ବିଜ୍ଞାନରୁ ନେଇ ପରମଜ୍ଞାନ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଆଗକୁ ବଢ଼ିବାର ଯେଉଁ ଭୂମିକା ରହିଛି ଏହା ନିରନ୍ତର ଶିଖିବା ଉପରେ ହିଁ ପର୍ଯ୍ୟବସ୍ଥିତ କାରଣ ଯିଏ ଶିଖିବା ବନ୍ଦ କରି ଦେଇଛି, ସେ ଏକ ପ୍ରକାର ଅଟକି ଯାଇଛି ଏବଂ ଜଡତା ଆଡକୁ ବଢୁଛି ।

ବେଦ ଅଧୟନ ପରେ ଗୁରୁଙ୍କ ଦ୍ୱାରା ଶିଷ୍ୟକୁ ଦିଆଯାଉଥିବା ଦୀକ୍ଷା ଉପଦେଶ ବହୁତ ମହତ୍ତ୍ୱପୂର୍ଣ୍ଣ । ଏକ ପ୍ରକାରେ ଏହି ଉପଦେଶ ସମସ୍ତ ଶିକ୍ଷାର ସାରାଂଶ ଏବଂ ଏହା ହେଉଛି ସ୍ୱାଧାୟା ନ ପ୍ରମଦିତବ୍ୟମ୍ । ଏହି ଉପଦେଶ ତୈତ୍ତିରୀୟ ଉପନିଷଦର ଏକାଦଶ ଅନୁଚ୍ଛେଦରୁ ଉଦ୍ଧୃତ । ଦୀକ୍ଷା ଅବସରରେ ଗୁରୁ, ଶିଷ୍ୟକୁ ଅଧୟନ ପୂର୍ଣ୍ଣ ହେବା ପରେ ମଧ ଏହି ଉପଦେଶ ମାଧମରେ କହିଥାନ୍ତି ଯେ ଅଧୟନ କରିବାରେ କେବେ ଆଳସ୍ୟ କର ନାହିଁ । ଦେଖିବାକୁ ଗଲେ ପଢ଼ା ସରିବା ପରେ ଗୁରୁଙ୍କ ଦ୍ୱାରା ଶିଷ୍ୟକୁ ଏପରି କୁହାଯିବ କିଛି ବିଚିତ୍ର ଲାଗିପାରେ । ଏଥିପାଇଁ ଏହା କୁହାଯାଇଛି, କାରଣ ହଜାର ହଜାର ବର୍ଷ ପୂର୍ବରୁ ମଧ ଆମର ଋଷି ମୁନି ଏହା ଜାଣିଥିଲେ ଯେ ଯାହା ଶିକ୍ଷା ପ୍ରଦାନ କରାଗଲା, ତାହାର ନିରନ୍ତରତା ହିଁ ସାର୍ଥକତା ପ୍ରଦାନ କରିପାରେ ଏବଂ ଏଠାରେ ଗୁରୁ କେବଳ ଏତିକି କହି ବିରାମ ନିଅନ୍ତି ନାହିଁ, ବରଂ ଏହା ମଧ କହନ୍ତି ଯେ କୁଶଳାତ୍ ନ ପ୍ରମଦିତବ୍ୟମ୍ । ଅର୍ଥାତ୍ କୁଶଳତା ଲାଭ କରିବାରେ ମଧ କେବେହେଲେ ଆଳସ୍ୟ କରିବା ଉଚିତ ନୁହେଁ । ବାସ୍ତବରେ ଦୀକ୍ଷା ଉପଦେଶରେ ଏହି ଦୁଇଟି ସୂତ୍ର, ସଫଳ ଜୀବନଯାପନର ସୂତ୍ର ଅଟେ । ନିରନ୍ତର ଶିକ୍ଷା କରିବାର କଳା ଦ୍ୱାରା ବ୍ୟକ୍ତି ନିଜର ଦକ୍ଷତାରେ ପ୍ରବୀଣ ହୋଇଥାଏ କାରଣ ଯିଏ ନିଜର ଅଭାବ ଦୁର୍ବଳତା ଓ ତ୍ରୁଟିଗୁଡିକୁ ନିରନ୍ତର ଦୂର କରିବାରେ ଲାଗି ରହିଥାଏ ଏବଂ ନିଜର କାର୍ଯ୍ୟକୁଶଳତାକୁ ବୃଦ୍ଧି କରିଥାଏ, ସେ ହିଁ ଶିଖିପାରେ । ଶିଖିବାର ପ୍ରକ୍ରିୟା ଏକ ପ୍ରକାରେ ଆମ କାର୍ଯ୍ୟ ପଦ୍ଧତିରେ ସେହି ଶୁଦ୍ଧତା ସୃଷ୍ଟି କରେ, ସେହି ଚମକ ସୃଷ୍ଟି କରେ, ଯେଉଁ କାରଣରୁ ସେଥିରେ କୌଣସି ତ୍ରୁଟି ରହି ପାରେ ନାହିଁ । ଯେପରି ଲୁହାକୁ ଯଦି ବିନା ବ୍ୟବହାରରେ ଛାଡି ଦିଆଯାଏ ସେଥିରେ କଳଙ୍କି ଲାଗିବା ଆରମ୍ଭ ହୋଇଯାଏ, କିନ୍ତୁ ଯଦି ତାହାକୁ ସମୟ ବ୍ୟବଧାନରେ ରଗଡ଼ି ଶୁଦ୍ଧ କରାଯାଏ ସେଥିରେ କଳଙ୍କି ଲାଗେ ନାହିଁ ଏବଂ ତାହାର ଚମକ ମଧ ବଢ଼ିଯାଏ । ସେହିପରି କ୍ରମାଗତ ଶିଖିବାର କଳା ଆମ ଜୀବନକୁ ଏପରି ଶାଣିତ କରେ, ଯେଉଁ କାରଣରୁ ଆମ କାର୍ଯ୍ୟକୁଶଳତା କେବେ ଶିଥିଳ ହୁଏ ନାହିଁ, ବରଂ ସମୟାନୁସାର ଆହୁରି ଶାଣିତ ଓ ଉପଯୋଗୀ ହୋଇଯାଏ ।

# ଚାଷୀ ସମସ୍ୟା ନେଇ ସମ୍ବଲପୁରରେ ଭାଜପାର ବିକ୍ଷୋଭ

ସମ୍ବଲପୁର: ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନ ସଂଗ୍ରହ ନୀତି ଯୋଗୁଁ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ଏହାଛଡ଼ା ମିଲର୍ସ, ଦଲାଲ ଓ ପ୍ରଶାସନର କେତେକ ଅଧିକାରୀ ମିଳିମିଶି ଚାଷୀମାନଙ୍କୁ ଶୋଷଣ କରୁଛନ୍ତି । ଅନ୍ୟ ରାଜ୍ୟରେ ମିଲର୍ସମାନେ ମଣ୍ଡିକୁ ଯାଉ ନ ଥିବା ବେଳେ ଏଠାରେ ସେମାନଙ୍କ ରାଜ ଚାଲିଛି । କଟନୀ ଛଟନୀ ଆଳରେ ପ୍ରତିବର୍ଷ ପ୍ରାୟ ୩ ଶହ କୋଟି ଟଙ୍କା ହେରଫେର କରାଯାଉଛି । ଏହା ମିଳିମିଶି ଭାଗବଣ୍ଟା କରାଯାଉଛି । ତେଣୁ ଚାଷୀମାନେ ଧାନ ବିକ୍ରିର ଅବ୍ୟବସ୍ଥା ଓ ମିଲର୍ସଙ୍କ ବିରୋଧରେ ଯେତେ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାର ପ୍ରତିବାଦ କରି ଜିଲ୍ଲାପାଳ ଅଫିସ ସମ୍ମୁଖରେ ଜିଲ୍ଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଜିଲ୍ଲା ଭାଜପା କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ସମୀର ବାବୁଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା । ଏଥିରେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ଭାଜପା ରାଜ୍ୟ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାଏକ, ରାଜ୍ୟ ସାଧାରଣ ସଂପାଦକ ରବି ନାରାୟଣ ନାଏକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଜିଲ୍ଲା ସଭାପତି ଗିରିଶ ପଟେଲ, ଜିଲ୍ଲା ପ୍ରଭାରୀ ଟଙ୍କଧର ତ୍ରିପାଠୀ, ରାଜ୍ୟ ସଂପାଦକ ସୀମାଞ୍ଚଳ ଖଟେଇ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଚନ୍ଦ୍ରଶେଖର ପଣ୍ଡା, ଦିବ୍ୟକିଶୋର ଭୋଇ, ଅନ୍ନପୂର୍ଣ୍ଣା ବାରିକ, ସୁଷମା ସାହୁ, ସଞ୍ଜୟ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହିଥିଲେ । ପରେ ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ମଲ୍ଲିକ, ଡିଆରସିଏସ ଲିଙ୍ଗରାଜ ନାଏକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏସ.କେ.ରାୟ, ଅତିରିକ୍ତ ଏସପି ଅମରେଶ ପଣ୍ଡା, ଏସଡିପିଓ ତପନ କୁମାର ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ସମସ୍ତ ଦାବି ଉପରେ ଆଲୋଚନା କରିଥିଲେ । କ୍ଷୟକ୍ଷତି ଆକଳନ ରିପୋର୍ଟ ଓ ଟୋକନ ପୁନଃ କାର୍ଯ୍ୟକ୍ଷମକୁ ନେଇ ସରକାରଙ୍କୁ ଜଣାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

## ଲକ୍ଷେ ଟଙ୍କା ଦାନ କଲେ ପ୍ରଫେସର ଦୀପକ ବେହେରା

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆରମ୍ଭ ହୋଇଥିବା ଆଲୁମିନି କନେକ୍ଟ କାର୍ଯ୍ୟକ୍ରମରେ ଯୋଗ ଦେଇ ଜିଏମ୍ କଲେଜର ପୂର୍ବତନ ଛାତ୍ର ପ୍ରଫେସର ଦୀପକ କୁମାର ବେହେରା ୧ ଲକ୍ଷ ଟଙ୍କା ଦାନ କରିଛନ୍ତି । ଶ୍ରୀ ବେହେରା ଏ ବାବଦରେ ବିଶ୍ୱବିଦ୍ୟାଳୟ କୁଳପତି ଏନ. ନାଗାରାଜୁଙ୍କୁ ଏକ ଲକ୍ଷ ଟଙ୍କାର ଚେକ୍ ଦେଇଛନ୍ତି । ଏହାସହ ୧୧ ଶହ ପୁସ୍ତକ ଓ ଜର୍ଣ୍ଣାଲ ବିଶ୍ୱବିଦ୍ୟାଳୟକୁ ଦାନ କରିଛନ୍ତି । ସ୍ୱତନ୍ତ୍ର ଆୟୋଜିତ କାର୍ଯ୍ୟକ୍ରମରେ ଉପ-କୁଳସଚିବ ଉମାଚରଣ ପତି, ମୋ ବିଶ୍ୱବିଦ୍ୟାଳୟ ସଂଯୋଜକ ସିକତା ପଣ୍ଡା ଏବଂ କୁଳସଚିବ ଗିରିଶ ଚନ୍ଦ୍ର ସିଂହ ଉପସ୍ଥିତ ଥିଲେ । ନୃତତ୍ତ୍ୱ ବିଭାଗ ମୁଖ୍ୟ ନିବେଦିତା ନାଥ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଝାରସୁଗୁଡ଼ା ହସ୍ପିଟାଲରେ ଅକ୍ସିଜେନ ସଂରକ୍ଷଣ ଉଦଘାଟିତ

ଝାରସୁଗୁଡ଼ା : ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତରଳ ମେଡିକାଲ ଅକ୍ସିଜେନ ସଂରକ୍ଷଣ ଓ ବଣ୍ଟନ, ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନର ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା, ରାଜପୁର ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ସମୂହର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନଲାଇନ ଜରିଆରେ ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି । ଏ ଅବସରରେ ଝାରସୁଗୁଡ଼ାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ଏମପି ସୁରେଶ ପୂଜାରୀ ଓ ବିଧାୟକ କିଶୋର ମହାନ୍ତି, ଜିଲ୍ଲାପାଳ ସରୋଜ ସାମଲ, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଜିଲ୍ଲା ମୁଖ୍ୟ ଚିକିତ୍ସକ ଡାକ୍ତର ଲାଲମୋହନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

## ନିଷ୍ଠାର ପ୍ରତିଷ୍ଠା ଦିବସ

ବରଗଡ଼: ସ୍ୱେଚ୍ଛାସେବୀ ସଙ୍ଗଠନ ନିଷ୍ଠାର ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଏକ ବୃଦ୍ଧାଶ୍ରମ ସ୍ଥାପନ କରି ଅସହାୟ ବରିଷ୍ଠ ନାଗରିକଙ୍କ ସେବା କରାଯିବ ବୋଲି ଏହି କାର୍ଯ୍ୟକ୍ରମରେ ନିଷ୍ପତ୍ତି ନିଆଯାଇଛି । ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରକୁ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ଡକ୍ଟର ପ୍ରଭାସ ସିଂ, ଯୁବ ସଙ୍ଗଠକ ଉମେଶ ପଣ୍ଡା, ଡାକ୍ତର ଅଜିତ ଦର୍ଜି ଯୋଗ ଦେଇଥିଲେ । ପରେ ନିଷ୍ଠା ପରିବାରର ନୂତନ ଲୋଗୋ ଉନ୍ମୋଚିତ ହୋଇଥିଲା । ପ୍ରତିବର୍ଷ ଭଳି ଚଳିତ ବର୍ଷ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଝାରବନ୍ଧ ବ୍ଲକର ମଳୟ ବସନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନିଷ୍ଠା ସଭାପତି ରକ୍ଷପାଳ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ ବିବରଣୀ ଉପସ୍ଥାପନ କରିଥିବା ବେଳେ କ୍ଷୀରୋଦ୍ର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଦସ୍ୟ ମଦନମୋହନ ଦାଶ ସଂଯୋଜନା କରିଥିବା ବେଳେ କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ ।

## ବେଦାନ୍ତ ପାଉଁଶ ଡମ୍ପିଂ ବିରୋଧରେ ମହିଳାଙ୍କ ଆନ୍ଦୋଳନ

ଝାରସୁଗୁଡ଼ା: ଭୁର୍କାମୁଣ୍ଡା ଠାରେ ଥିବା ବେଦାନ୍ତ କମ୍ପାନୀର ପାଉଁଶ ଡମ୍ପିଂ ଜିଲ୍ଲାବାସୀଙ୍କୁ ଅତିଷ୍ଠ କରିଛି । ପରିସ୍ଥିତି ଏପରି ହୋଇଛି ଯେ, ଏହା ବିରୋଧରେ ଝାରସୁଗୁଡ଼ା ବ୍ଲକ ଦଲକି ପଞ୍ଚାୟତ କୁରେବଗା ଗ୍ରାମର ମହିଳା ଏକାଠି ହୋଇଛନ୍ତି । କମ୍ପାନୀ କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ପଦକ୍ଷେପ ନ ନେଲେ ସେମାନେ ଆନ୍ଦୋଳନ ଜୋରଦାର କରିବେ ବୋଲି ଚେତାବନୀ ଦେଇଛନ୍ତି ।

ବେଦାନ୍ତ କମ୍ପାନୀରୁ ନିର୍ଗତ ପାଉଁଶ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଡମ୍ପିଂ କରାଯାଉଛି । ଯଦି ଏଭଳି ଚାଲୁରହିବ ତେବେ ବର୍ଷ କେଇଟା ପରେ ଜିଲ୍ଲା ପାଉଁଶ ପାହାଡ଼ର ସ୍ତୁପ ପାଲଟିବ ବୋଲି ପରିବେଶବିତ ପୂର୍ବାନୁମାନ କଲେଣି । ଏଥିରେ ଜଙ୍ଗଲ, ଚାଷଜମି, ଗୋଚର ଜମି, ନଦୀନାଳ, କଟା, ବନ୍ଧ ଓ ପୋଖରୀ ଆଦି ପ୍ରଭାବିତ ହେବାରେ ଲାଗିଛି । ଏହି ପାଉଁଶ ଗୁଣ୍ଡ ପବନରେ ଉଡି ବାୟୁମଣ୍ଡଳ ପ୍ରଦୂଷିତ କରୁଛି । ଜୀବଜଗତ ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି । ଏଥିରେ ଜିଲ୍ଲାବାସୀ ଅତିଷ୍ଠ ହୋଇ ଜିଲ୍ଲା ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ । ଏ ନେଇ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲୋକେ ଆନ୍ଦୋଳନକୁ ଓହ୍ଲାଉଛନ୍ତି । ଏଭଳି ସ୍ଥିତି ଦଲକି ପଞ୍ଚାୟତ ଅଞ୍ଚଳରେ ଦେଖିବାକୁ ମିଳିଛି । ଏହି ପଞ୍ଚାୟତର କୁମୁଡାପାଲି ଓ କୁରେବଗା ଗ୍ରାମ ମଝିରେ ବେଦାନ୍ତ କମ୍ପାନୀର ପାଉଁଶ ଡମ୍ପିଂ ହେଉଛି । ଏହି ଅଞ୍ଚଳର କିଛି ଅଂଶ ଝାରସୁଗୁଡ଼ା ବ୍ଲକରେ ଆସୁଥିବାବେଳେ ଆଉ କିଛି ଅଂଶ ଝାରସୁଗୁଡ଼ା ପୌରାଞ୍ଚଳରେ ଆସୁଛି । ଏହି ଡମ୍ପିଂ ପାଉଁଶ ଏବେ ବର୍ଷାପାଣିରେ ବୋହିଆସି କୁରେବଗା ଗ୍ରାମର ଏକ ପୋଖରୀରେ ମିଶୁଛି । ଫଳରେ ପୋଖରୀର ପାଣି ପ୍ରଦୂଷିତ ହେଉଛି । କୁରେବଗା ଗ୍ରାମ ଓରାମପଡ଼ାରେ ଏକମାତ୍ର ଗଭୀର ନଳକୂପ ରହିଛି । ନଳକୂପରେ କୌଣସି ସମସ୍ୟା ଦେଖାଦେଲେ ପଡ଼ାବାସୀ ପୋଖରୀ ପାଣି ଉପରେ ନିର୍ଭର କରନ୍ତି । ଏପରି କି ଏହାକୁ ପାନୀୟଜଳ ଭାବେ ବ୍ୟବହାର କରିଥାନ୍ତି । ପୋଖରୀ ପାଣି ବ୍ୟବହାର କରି ଲୋକେ ଚର୍ମରୋଗ ଓ ପେଟରୋଗରେ ଆକ୍ରାନ୍ତ ହେଉଥିବା ପଡାବାସୀ ଅଭିଯୋଗ କରୁଛନ୍ତି । ଏଭଳି ସ୍ଥିତିରେ ପଡାର ଶତାଧିକ ମହିଳା ପାଉଁଶ ଡମ୍ପିଂ ସ୍ଥଳକୁ ଆସି ଏହାକୁ ବିରୋଧ କରିଥିଲେ । ଫଳରେ ପାଉଁଶ ଡମ୍ପିଂ ବନ୍ଦ ହୋଇଥିଲା । ଆଗକୁ ଯଦି ଏହା ଜାରି ରହେ ତା'ହେଲେ ପଡାବାସୀ ଆନ୍ଦୋଳନକୁ ଜୋରଦାର କରି ଆଇନ ହାତକୁ ନେବାକୁ ବାଧ୍ୟହେବେ ବୋଲି ଚେତାବନୀ ଦେଇଛନ୍ତି ।

## ବିଶ୍ୱ ରକ୍ତଦାତା ଦିବସରେ ପୋଲିସ ପକ୍ଷରୁ ରକ୍ତଦାନ ଶିବିର

ସମ୍ବଲପୁର: ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ସମ୍ବଲପୁର ପୁଲିସ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଅଇଁଠାପାଲି ରୟାଲ ରିଟ୍ରେଟ ଠାରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ମୋଟ ୮୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଆରକ୍ଷୀ ଅଧୀକ୍ଷକ ବି.ଗଙ୍ଗାଧର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏଥିରେ ସଦର ଏସଡିପିଓ ତପନ ମହାନ୍ତି, ପୁଲିସ ଆରଆଇ ରାଜିବ ଲୋଚନ ସେଠ, ଅଇଁଠାପାଲି ଥାନା ଅଧିକାରୀ ଯୋଗେଶ୍ୱର ପଣ୍ଡା, କନଷ୍ଟେବଳ ଓ ହାବିଲଦାର ସଂଘ ସଭାପତି ରାମଦାସ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ପରେ ସ୍ୱେଚ୍ଛାସେବୀ ରକ୍ତଦାତାଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra


## ପି.କେ. ଦାଶଙ୍କ ଲିଖିତ ପୁସ୍ତକ ଉପରେ ୱେବିନାର

ଭୋପାଳ: ସ୍ଥାନୀୟ ଲିଟରାଟି କ୍ଲବ ପକ୍ଷରୁ ଅବସରପ୍ରାପ୍ତ ପ୍ରଶାସକ ପ୍ରସନ୍ନ କୁମାର ଦାଶଙ୍କ ଲିଖିତ ପୁସ୍ତକ 'ହାଓ ଟୁ ବି ଏନ୍ ଅଥର ପୁସ୍ତକ ଇନ୍ ସେଭେନ ଡେଜ' ଉପରେ ଅନଲାଇନ ମାଧ୍ୟମରେ ଚର୍ଚ୍ଚା କରାଯାଇଥିଲା । କ୍ଲବର ସଭାପତି ଡକ୍ଟର ସୀମା ରାଏଜାଦାଙ୍କ ସଂଯୋଜନାରେ ଆୟୋଜିତ ୱେବିନାରରେ କେନ୍ଦ୍ର ସରକାରଙ୍କ ଅବସରପ୍ରାପ୍ତ ଖଣି ସଚିବ ଡକ୍ଟର ଅନୁପ ପୂଜାରୀ, ସ୍କିଲ ଅଥରିଟି ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ କାର୍ମିକ ନିର୍ଦ୍ଦେଶକ ହିମାଂଶୁ ଶେଖର ପତି, ମଧ୍ୟ ପ୍ରଦେଶ ସରକାରଙ୍କ ରାଜସ୍ୱ ପରିଷଦ ସଦସ୍ୟ ମନୁ ଶ୍ରୀବାସ୍ତବ, କେନ୍ଦ୍ର ସରକାରଙ୍କ ଅବସରପ୍ରାପ୍ତ ଶିକ୍ଷା ସଚିବ ଅଂଶୁ ବୈଶ, ଅବସରପ୍ରାପ୍ତ ପ୍ରଶାସକ ମାଳା ଶ୍ରୀବାସ୍ତବ, ମଧ୍ୟ ପ୍ରଦେଶ ସରକାରଙ୍କ ଅବସରପ୍ରାପ୍ତ ମୁଖ୍ୟସଚିବ ଟିକୋ ଡେ, କର୍ଣ୍ଣାଟକର ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ସୁବାଷ ଖୁଣ୍ଟିଆ, ଅବସରପ୍ରାପ୍ତ ପ୍ରଶାସକ ସୁରେଶ ପଣ୍ଡା, ବରିଷ୍ଠ ଆଇନଜୀବୀ ଅଶୋକ କୁମାର ପଣ୍ଡା, ବରିଷ୍ଠ ସାମ୍ବାଦିକ ଡକ୍ଟର ଭବାନୀ ଦୀକ୍ଷିତ, ପ୍ରଫେସର କାଳିଦାସ ମିଶ୍ର, ବିଜୟ କୁମାର ପାଢ଼ୀ, ଅବସରପ୍ରାପ୍ତ ଆୟକର କମିଶନର ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# କରୋନା କଟକଣାରେ ଶୀତଳଷଷ୍ଠୀ..... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ଗତବର୍ଷ ପରି ଏବର୍ଷ ମଧ ଶୀତଳଷଷ୍ଠୀ ଯାତ୍ରା ଏଭଳି ଭାବେ ପାଳନ ହୋଇଥିବାରୁ ସମସ୍ତଙ୍କୁ ନିରାଶ ହେବାକୁ ପଡିଛି ।

ଦେବ ଦମ୍ପତ୍ତିଙ୍କ ବିବାହ ପାଇଁ ବରାଯାତ୍ରୀ ଶୋଭାଯାତ୍ରା ହେଉ କି ଦେବ ଦମ୍ପତ୍ତିଙ୍କ ଯୁଗଳ ଦର୍ଶନ ସବୁ କଟକଣା ମଧରେ ପାଳନ ହୋଇଥିଲା । ଗତ ବର୍ଷ ଭଳି ଏବର୍ଷ ମଧ କରୋନା କଟକଣା ଯୋଗୁଁ ଲୌକିକ ବିବାହ ପାଇଁ ଅନୁଷ୍ଠିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇ ନ ଥିଲା । ଫଳରେ ସ୍ଥାନୀୟ ଓ ରାଜ୍ୟ ବାହାରୁ ଆସୁଥିବା କଳାକାରଙ୍କୁ ମଧ ଏଥିପାଇଁ ନିରାଶ ହେବାକୁ ପଡିଥିଲା । ଉତ୍ସବରେ ଅଂଶଗ୍ରହଣ କରି ପାରିଶ୍ରମିକ ପାଇବା ଅପେକ୍ଷା ଏହି ଲୌକିକ ବିବାହରେ ଅଂଶଗ୍ରଣ କରିବାକୁ ସମସ୍ତ କଳାକାର ବର୍ଷତମାମ ଅପେକ୍ଷା କରିଥାନ୍ତି । ଏଥର ମଧ ସେମାନଙ୍କୁ ଏହି ଅପୂର୍ବ ସୁଯୋଗରୁ ବଞ୍ଚିତ ହେବାକୁ ପଡିଛି । ଦେବ ଦମ୍ପତ୍ତିଙ୍କ ବିବାହରେ ନୃତ୍ୟ ପରିବେଷଣ କରି ଅଭିଶପ୍ତ ଜୀବନରୁ ମୁକ୍ତି ପାଇବା ପାଇଁ କିନ୍ନରଙ୍କୁ ମଧ ଏଥର ନିରାଶ ହେବାକୁ ପଡିଛି । ଦୁଇଦିନର ଏହି ଶୋଭାଯାତ୍ରାରେ ସହରର ସମସ୍ତ ରାସ୍ତାରେ ଯେଉଁଠି ଜନସମୁଦ୍ର ଲହଡି ମାରୁଥିଲା ତାହା ଶୂନ୍‌ଶାନ୍ ପଡିଥିଲା । ଶୋଭାଯାତ୍ରା ଦେଖିବାକୁ ଜିଲ୍ଲାର ବିଭିନ୍ନ ପ୍ରାନ୍ତ ସହ ରାଜ୍ୟର ବିଭିନ୍ନ ସ୍ଥାନରୁ ଛୁଟୁଥିବା ଦର୍ଶକଙ୍କ ଶୁଅ ମଧ ଏଥର ଆଉ ଜମି ନ ଥିଲା ।

ଶୀତଳଷଷ୍ଠୀ ଯାତ୍ରା ପୂର୍ବରୁ ଘରେ ଘରେ ବନ୍ଧୁବାନ୍ଧବ କୁଣିଆଁ ଜମିବା ପରମ୍ପରା ମଧ କାରୋନା କଟକଣା ଯୋଗୁଁ ସମ୍ଭବ ହୋଇନାହିଁ । ଭକ୍ତି ଭାବନା ସହ ସମ୍ପର୍କୀୟଙ୍କ ମିଳନର ପର୍ବ ଓ ଏହାକୁ ନେଇ ଘରେ ଘରେ ସୃଷ୍ଟି ହେଉଥିବା ଖୁସିର ବାତାବରଣ ଫିକା ପଡିଥିଲା । ଘରେ ଘରେ ପିଠାପଣା ପ୍ରସ୍ତୁତିର ସ୍ୱତନ୍ତ୍ର ଆସର ମଧ ଦେଖିବାକୁ ମିଳି ନ ଥିଲା । ଶୀତଳଷଷ୍ଠୀ ଯାତ୍ରା ବହୁ ଛୋଟ ଛୋଟ ବ୍ୟବସାୟୀ ଓ ଉଠାଦୋକାନୀଙ୍କୁ ରୋଜଗାରର ମଧମ ଯୋଗାଇଥାଏ । ଏଥର ଶୋଭାଯାତ୍ରା ଅନୁଷ୍ଠିତ ହୋଇ ନ ଥିବାରୁ ସେମାନଙ୍କୁ ମଧ ନିରାଶ ହେବାକୁ ପଡିଥିଲା । ବର୍ଷକରେ ଥରେ ଭଲ ରୋଜଗାରର ଆଶା ମଧ ମଉଳି ଯାଇଥିଲା । ସାମଗ୍ରୀକ ଭାବେ ଶୀତଳଷଷ୍ଠୀ ଯାତ୍ରାକୁ ନେଇ ସାଧାରଣରେ ଯେଉଁ ଉତ୍ସାହର ବାତାବରଣ ସୃଷ୍ଟି ହୋଇଥାଏ ତାହା ଏଥର କରୋନା ଯୋଗୁଁ ଫିକା ପଡିବା ଘଟଣା ସମସ୍ତଙ୍କୁ ହତାଶ୍ କରିଥିଲା । ତେବେ ଥାଳ ଉଠାରୁ ଆରମ୍ଭ କରି ପତରପେଣ୍ଡି, ଦେବ ନିମନ୍ତ୍ରଣ, ବରାନୁଗମନ, ବିବାହ ପାଣିଗ୍ରହଣ ଏବଂ ଦେବଦମ୍ପତିଙ୍କ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଚଳିତ ବର୍ଷ ନନ୍ଦପଡ଼ା ବମବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ବୈଦ୍ୟନାଥ ଛକର ଗୋପାଳ ସାହୁ ଓ ତାଙ୍କ ଧର୍ମପତ୍ନୀ ପ୍ରମିଳା, ଝାଡୁଆପଡ଼ାର ଲୋକନାଥ ବାବାଙ୍କୁ ବାସୁଦେବ ଚିନ୍ଦ୍ରା ଓ ଯାଜ୍ଞସେନୀ, ମୁଦିପଡ଼ାର ଶ୍ରୀ ଜାଗେଶ୍ୱର ବାବାଙ୍କୁ ସୁମନ୍ତ ସ୍ୱାଇଁ ଓ ବନ୍ଦିତା, ବଡ଼ବଜାର ଶୀତଳେଶ୍ୱର ବାବାଙ୍କୁ ଅଶୋକ କୁମାର ନାୟକ ଓ ସୁଚିସ୍ମିତା, ଠାକୁରପଡ଼ାର ଗୁପ୍ତେଶ୍ୱର ବାବାଙ୍କୁ ସୁରେନ୍ଦ୍ର କୁମାର ପୁରୋହିତ ଓ ମିନତୀ, ବାଲିବନ୍ଧାର ସୋମନାଥ ବାବାଙ୍କୁ ପ୍ରସନ୍ନ ମହାପାତ୍ର ଓ ରାଜେଶ୍ୱରୀ ଓ ଦୁର୍ଗାପାଲିର ଗୁଡ଼େଶ୍ୱର ବାବାଙ୍କୁ କ୍ଷେତରାଜପୁରର କୈଳାସ ଅଗ୍ରୱାଲ ଓ ତାଙ୍କ ଧର୍ମପତ୍ନୀ ସୁଷମା କନ୍ୟା ପିତା ମାତା ହେବାର ସୌଭାଗ୍ୟ ଅର୍ଜନ କରିଥିଲେ ।













## ଗୁଡେଶ୍ୱର ମନ୍ଦିରରେ ଅଲୌକିକ ଘଟଣା

ସମ୍ବଲପୁର : ଶୀତଳଷଷ୍ଠୀ ଯାତ୍ରା ବେଳେ ଦୁର୍ଗାପାଲି ସ୍ଥିତ ଶ୍ରୀ ଶ୍ରୀ ଗୁଡେଶ୍ୱର ବାବାଙ୍କ ମନ୍ଦିରରେ ଏକ ଅଲୌକିକ ଘଟଣା ଦେଖିବାକୁ ମିଳିଥିଲା । ଦେବ ନିମନ୍ତ୍ରଣ ଦିନ ମନ୍ଦିର ଗମ୍ଭୀରା ଭିତରେ ଥିବା ଶିବଲିଙ୍ଗ ପାଖରେ ଏକ ବିଶାଳକାୟ ନାଗ ସାପ ଫଣା ଟେକି ବୁଲୁଥିବାର ଦେଖାଯାଇଥିଲା ।



ସାପଟିକୁ ଦେଖି ସେଠାରେ ଉପସ୍ଥିତ ଭକ୍ତବୃନ୍ଦ ଏହା ସ୍ୱୟମ୍ଭୁଙ୍କ ଆବିର୍ଭାବ ବୋଲି ଆଲୋଚନା କରିବା ସହ ଗୁଡେଶ୍ୱର ବାବାଙ୍କ ଜୟଘୋଷ କରିଥିଲେ । ତେବେ ପ୍ରାୟ ପାଞ୍ଚ ମିନିଟ୍ ପରେ ସାପଟି ଆପେ ଆପେ ଲିଙ୍ଗ ନିକଟରୁ ପଳାଇ ଯାଇଥିଲା । ଏହି ଦୃଶ୍ୟକୁ କେତେକ ଭକ୍ତ ନିଜ ମୋବାଇଲରେ କଏଦ କରି ସାମାଜିକ ଗଣମାଧମରେ ଛାଡିବା ପରେ ଏହା ଭାଇରାଲ୍ ହୋଇଯାଇଥିଲା ।

## ମାନଧାତା ବାବା ମନ୍ଦିରରେ ଶୀତଳଷଷ୍ଠୀ



ସମ୍ବଲପୁର : ମାନେଶ୍ୱର ମାନଧାତା ବାବା ମନ୍ଦିରରେ ଶୀତଳଷଷ୍ଠୀ ଯାତ୍ରା ଅବସରରେ ଦେବଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଛି । ପଣ୍ଡିତ ନିରଞ୍ଜନ ହୋତାଙ୍କ ପୂଜାର୍ଚ୍ଚନାକ୍ରମେ ମନ୍ଦିର ପରିସରରେ ଦେବ ଗଣେଷନ, ପିନ୍ଧାଣି ଓ ବିବାହ ପାଣିଗ୍ରହଣ ପରେ ଦେବ ଦମ୍ପତି ମନ୍ଦିର ଗର୍ଭ ଗୃହକୁ ପ୍ରବେଶ କରିଛନ୍ତି । ବର ପିତାମାତା ଭାବେ ବିରଞ୍ଚି ପୂଜାରୀ ଓ ତାଙ୍କ ଧର୍ମ ପତ୍ନୀ ପଙ୍କଜିନୀ ଦାୟିତ୍ୱ ତୁଲାଇଥିବା ବେଳେ କନ୍ୟା ମାତାପିତା ଭାବରେ ସତ୍ୟପ୍ରିୟ ନାୟକ ଓ ତାଙ୍କ ଧର୍ମପତ୍ନୀ ସୁନିତା ହୋତା ଦାୟିତ୍ୱ ନିର୍ବାହ କରିଥିଲେ । କୋଭିଡ୍ ଗାଇଡ୍ ଲାଇନ୍ ଅନୁସାରେ ଦେବ ଦମ୍ପତିଙ୍କ ବିବାହୋତ୍ସବ ସମ୍ପନ୍ନ ହୋଇଛି । କାର୍ଯ୍ୟକ୍ରମରେ ମନ୍ଦିର ସେବାୟତଙ୍କ ମଧରେ ପ୍ରଶାନ୍ତ ପୂଝାରୀ, ପରୀକ୍ଷିତ ପୂଝାରୀ, ସପନ ପୂଝାରୀ, ମୁକେଶ ପୂଝାରୀ, ବିଶ୍ୱନାଥ ପୂଝାରୀ ପ୍ରମୁଖଙ୍କ ସମେତ ମନ୍ଦିର ଟ୍ରଷ୍ଟ ବୋର୍ଡ କମିଟି ସଦସ୍ୟ ଉପସ୍ଥିତ ଥିଲେ । ସୂଚନା ଥାଉ ଯାତ୍ରାର ନିର୍ବନ୍ଧ ଓ ଦେବ ନିମନ୍ତ୍ରଣ କାର୍ଯ୍ୟକ୍ରମ ପରେ କନ୍ୟା ପିତା ମାତା ଭାବେ ଦାୟିତ୍ୱ ନିର୍ବାହ କରୁଥିବା ଜଗନ୍ନାଥ କଲୋନିର ବିହାରୀ ଦୀକ୍ଷିତ ଓ ସ୍ନେହଲତାଙ୍କ ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ହେବାରୁ ସେମାନେ ମାଙ୍ଗଳିକ କାର୍ଯ୍ୟକ୍ରମର ଓହରି ଯିବାରୁ ତାଙ୍କ ପରିବର୍ତ୍ତେ ତାଙ୍କ ନାତୁଣୀ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ଶିକ୍ଷୟିତ୍ରୀ ସୁନିତା ହୋତା ଓ ନାତୁଣୀ ଜ୍ୱାଇଁ ସତ୍ୟପ୍ରିୟ ନାୟକ ଦାୟିତ୍ୱ ନିର୍ବାହ କରିଥିଲେ ।

## ମଧୁସୂଦନ ନନ୍ଦଙ୍କ ପରଲୋକ



ଦେବଗଡ଼ : ଶିକ୍ଷା ବିଭାଗର ଅବସରପ୍ରାପ୍ତ ଏସ୍.ଆଇ ମଧୁସୂଦନ ନନ୍ଦଙ୍କ ପରଲୋକ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ପ୍ରାୟ ୮୩ ବର୍ଷ ହୋଇଥିଲା । ସେ ଗତ କିଛି ଦିନ ହେବ ଅସୁସ୍ଥ ହୋଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମ୍ବଲପୁର ସ୍ଥିତ ଆଞ୍ଚଳିକ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ବୈଜ୍ଞାନିକ ତାଙ୍କ ପୁଅ ସତ୍ୟନାରାୟଣ ନନ୍ଦଙ୍କ ଘରେ ରହି ଚିକିତ୍ସିତ ହେଉଥିଲେ । ତାଙ୍କର ଦୁଇ ପୁଅ ଓ ତିନି ଝିଅ ଅଛନ୍ତି । ତାଙ୍କର ଶବକୁ ଦେବଗଡ଼ ଅଣାଯାଇ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଥିଲା । ସ୍ୱର୍ଗତ ନନ୍ଦ ଜଣେ ଦକ୍ଷ ଅଧିକାରୀ ଥିଲେ ।

## ଆଡ଼ଭୋକେଟ ବିପିନ ନାୟକଙ୍କ ପତ୍ନୀ ବିୟୋଗ

ସମ୍ବଲପୁର : ବରିଷ୍ଠ ଆଇନଜୀବି ତଥା ସମ୍ବଲପୁର ଜିଲ୍ଲା ଓକିଲ ସଂଘର ପୂର୍ବତନ ସଭାପତି ଶ୍ରୀ ବିପିନ ବିହାରୀ ନାୟକଙ୍କ ଧର୍ମପତ୍ନୀ ତରୁଲତା ନାୟକଙ୍କର ସ୍ଥାନୀୟ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ବୟସ ହେଉଥିଲା । ସେ ତାଙ୍କ ସ୍ୱାମୀ, ଏକମାତ୍ର ପୁଅ ଆଡଭୋକେଟ ଅମିତ ନାୟକ ଏବଂ ଚାରି ଝିଅଙ୍କୁ ଛାଡି ଯାଇଛନ୍ତି । ସ୍ୱର୍ଗତ ନାୟକ ଜଣେ ଧର୍ମପରାୟଣା ମହିଳା ଓ ସୁଗୃହିଣୀ ଥିଲେ ।



Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra